୩.୪ ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ଚତୁର୍ଥୀପର ଠାରୁ ନିର୍ଯ୍ୟାତନା.
- ଝିଅ ସମ୍ମୁଖରେ ଦଳିତ ମହିଳାଙ୍କୁ ଗଣଦୁଷ୍କର୍ମ.
- ପତ୍ନୀ ଆଣିଲେ ନିର୍ଯ୍ୟାତନା ଅଭିଯୋଗ, ଓକିଲଙ୍କ ବିରୋଧରେ ମାମଲା.
- ଯୌତୁକ ନିର୍ଯ୍ୟାତନା ଅଭିଯୋଗ ଘଟଣା.ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ.
- ପତ୍ନୀଙ୍କୁ ହାତୁଡିରେ ପିଟି ହତ୍ୟା.

୨. ଶିଶୁମାନଙ୍କ ଅଧିକାର ଉପରେ ହିଂସା.

- ୫୯ ଦିନରେ ୧୧୫ ଶିଷୁ ଦୁଷ୍କର୍ମର ଶିକାର.
- ଗଁଦିଆ ଦଳିତ ନାବାଳିକା ଦୁଷ୍କର୍ମ ଓ ପୋଡି ଘଟଣା .
- ମିନୁ ପାଇଁ କେହି ନାହିଁ.
- ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା .
- ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ୨ ଗିରଫ, ପ୍ରତିଶୋଧ ପାଇଁ ୪୦୦୦ର ସୁପାରି.
- ଚତୁର୍ଥଶ୍ରେଣୀ ଛାତ୍ରୀଙ୍କ ସହ ଦୁଷ୍କର୍ମ ଉଦ୍ୟମ, ଶିକ୍ଷକ ଗିରଫ.
- ମଶାଣିରେ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ, ଛାତ୍ରୀଙ୍କଅବସ୍ଥା ସଙ୍କଟାପନ୍ନ.
- ମାନସିକ ଅନଗ୍ରସର ଦଳିତ ନାବାଳିକାଙ୍କ ସହ ଦୁଷ୍କର୍ମ.
- ପୁରୀରେ ଦୁଷ୍କର୍ମ, ନାବାଳିକା ଗୁରୁତର.
- ଛାତ୍ରୀଙ୍କୁ ସ୍କୁଲରେ ତାଲା ପକାଇ ଶିକ୍ଷକ ହଟହଟା.
- ନାବାଳିକାକୁ ହତ୍ୟା ପରେ ଶବକୁ ଦୁଷ୍କର୍ମ ମାମଲା,ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ, ୨୨ରେ ଦଣ୍ଡ ବିଧାନ.
- ପୁଣି ୯ ନାବାଳିକା ନିଖୋଜ.

## ୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- କମିଶନଙ୍କ ଘର ବୋଲି ....୧୭ ବର୍ଷର ଗ୍ୟାରେଜ କୁ ରାତି ଅଧରେ ଉଠାଇଲା ପୋଲିସ.
- ଜଗତସିଂହପୁର ଏନକାଉଂଟର ଘଟଣା, ପୁଲିସର ଯୋଯନାବଦ୍ଧ ହତ୍ୟା.
- ଦୁଇ ଯୁବକଙ୍କୁ ନିଶାଶକ୍ତ ଫରେଷ୍ଟଗାର୍ଡଙ୍କ ନିସ୍ଥୁକ ମାଡ.
- ପୁନିଆଙ୍କ ଗସ୍ତ ପୁର୍ବରୁ ଲାଠୋର କ୍ୟାମ୍ପରେ ଉତେଜନା, ଦଳିତଙ୍କୁ ପୁଲିସର ମାଡ.

## ୪. ବିକାଶ ପାଇଁ ବିନାଶ.

- ମଞ୍ଜୁରି ନଥାଇ ପ୍ରକଳ୍ପ ନିର୍ମାଣ.

## ୫. ସୁନ୍ଦରଗଡରେ ଚଷୀ ଆତ୍ମହତ୍ୟା.

# 'ଚତୁର୍ଥୀ ପରଠୁ ନିର୍ଯାତନା'

ବାଲେଶ୍ୱର, ୧୫/୩ (ଇମିସ): 'ବିବାହ ପୂର୍ବରୁ ସେମାନେ ମୋ ବାପାଙ୍କୁ କହିଥିଲେ ପୁଅ ଦେଇ ଝିଅ ନେଉଛୁ, ବୋହୂ ଭଳି ନୁହେଁ, ଝିଅ ଭଳି ରଖିବୁ। ହେଲେ ଚତୁର୍ଥୀ ପରଦିନଠୁ ମୋ ଉପରେ ଆରମ୍ଭ ହୋଇ ଯାଇଥିଲା ନିର୍ଯାତନା। ସ୍ୱାମୀ ମୋତେ ଏକୁଟିଆ ଛାଡ଼ି ଭୁବନେଶ୍ୱର ଚାଲିଗଲେ। ପରେ ଜାଣିଲି ବିବାହ ପରେ ସେ ଅନ୍ୟ ଯୁବତୀଙ୍କ ସହ ଅନୈତିକ ସଂପର୍କ ରଖିଛନ୍ତି। ସତ ଜାଣିବା ପରେ ମୁଁ ଏହାର ପ୍ରତିବାଦ କଲି। କିନ୍ତୁ ବଦଳରେ ମୋତେ ମିଳିଲା ମାଡ଼ ଓ ଗାଳି। ସ୍ୱାମୀ ମଦ ପିଇ ପିଟାପିଟି କଲେ। ଶାଶୁ ଓ ନଣନ୍ଦ ବି ମାଡ଼ ମାରିବା ସହ ଅକଥନୀୟ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଦେଲେ। ମୋ ବାପାଙ୍କୁ ୨୫ ଲକ୍ଷ ଟଙ୍କା ଓ ସ୍କୋର୍ପିଓ ଗାଡ଼ି ଦାବି କଲେ। ଶ୍ୱଶୁରଙ୍କୁ ଏସବୁ କଥା ଜଣାଇଲେ ବି କିଛି ଫଳ ମିଳିଲାନି। ବରଂ ସେ ଶାଶୁ ଓ ସ୍ୱାମୀ କଥା ମାନି ଚୁପ୍ ରହିଯିବାକୁ ପରାମର୍ଶ ଦେଲେ। କେବଳ ସେତିକି ନୁହେଁ, ନିର୍ଯାତନା ସହି ନପାରି ମୁଁ ବାପଘରକୁ ଚାଲି ଆସିଲି ବୋଲି ଗୁଣ୍ଡା ପଠାଇ ମୋତେ ଅପହରଣ କରିବାକୁ ଚେଷ୍ଟା କଲେ।' ପୂର୍ବତନ ଆଇନମନ୍ତ୍ରୀ ବସ୍ତା ବିଧାୟକ ରଘୁନାଥ ମହାନ୍ତି ଓ ତାଙ୍କ ପରିବାର ବିରୋଧରେ ନିର୍ଯାତନାର ଏଭଳି ସଂଗିନ ଅଭିଯୋଗ ଆଣିଛନ୍ତି ତାଙ୍କ ପୁତ୍ରବଧୂ ବର୍ଷା ସୋନି। ଗତକାଲି ଥାନାରେ ବିଧିବଦ୍ଧ ଭାବେ ଏତାଲା ଦେବା ପରେ ଆଜି ଗଣମାଧ୍ୟମ ଆଗରେ ବଡ଼ ଘରର ବଡ଼ ଗୁମର କଥାସବୁ ଫିଟାଇଛନ୍ତି। ଆଇନ ତା ବାଟରେ



ବର୍ଷା ସୋନି

➡ ୭

# 'ଚତୁର୍ଥୀ ପରଠୁ ନିର୍ଯାତନା'...

ଯିବ ବୋଲି କହି ଆଇନର ମଙ୍ଗ ମୋଡୁଥିବା ଏହି ପୂର୍ବତନ ଆଇନ ମନ୍ତ୍ରୀଙ୍କ ଅସଲ ମୁଖା ଖୋଲି ଦେଇଛନ୍ତି। ବର୍ଷାଙ୍କ ଏହି ଚାଞ୍ଚଲ୍ୟକର ବୟାନକୁ ନେଇ ଆଜି ବସ୍ତା ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ଘଟଣାରେ ରଘୁବାବୁ ଓ ତାଙ୍କ ପରିବାରର ୫ ଜଣ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବର୍ଷାଙ୍କ ପରିବାରବର୍ଗ ଅଡ଼ିବସିଥିବା ବେଳେ ବାଲେଶ୍ୱର ଜିଲ୍ଲା କଂଗ୍ରେସ, ବିଜେପି ପକ୍ଷରୁ ମନ୍ତ୍ରୀ ଓ ତାଙ୍କ ପରିବାରବର୍ଗଙ୍କୁ ଗିରଫ ଦାବି ଜୋର୍ ହୋଇଛି। ଅନ୍ୟପକ୍ଷରେ ଗିରଫ ଭୟରେ ମନ୍ତ୍ରୀଆଣି ପ୍ରୀତିଲତା ମହାନ୍ତି, ପୁଅ ରାଜାଶ୍ରୀ ମହାନ୍ତି ଓ ଝିଅ ଶୁଭଶ୍ରୀ ମହାନ୍ତି ଫେରାର ହୋଇ ଯାଇଛନ୍ତି। ଏକ ପୁଲିସ ଟିମ୍ ଆଜି ସଂଧ୍ୟାରେ ରଘୁବାବୁଙ୍କ ଅମର୍ଦାରୋଡ଼ସ୍ଥିତ ଘରକୁ ତଦନ୍ତ ପାଇଁ ଯାଇଥିଲେ ମଧ୍ୟ କାହାକୁ ନପାଇ ଫେରି ଆସିଛି। ତେଣେ ଏହି ତଦନ୍ତ ଦାୟିତ୍ୱ ଜାତୀୟ ମାନବାଧିକାର ସୁରକ୍ଷା ସେଲ୍‌କଙ୍କୁ ଦିଆଯାଇଥିବା ବେଳେ ଏକ ପାଞ୍ଚ ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚିଛି।

ଗତକାଲି ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ଆଜି ବର୍ଷା ଓ ତାଙ୍କ ପରିବାର ପକ୍ଷରୁ ଗଣମାଧ୍ୟମ ସାମ୍ନାରେ ଅନେକ ସଂଗିନ ଅଭିଯୋଗ କରାଯାଇଛି। ବର୍ଷା ଆଜି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ରାଜାଶ୍ରୀଙ୍କର ଯୁବତୀଙ୍କ ସହିତ ଅନୈତିକ ସଂପର୍କ ଥିଲା। ବିଭିନ୍ନ ସମୟରେ ସେ ମଦ୍ୟପାନ କରି ତାଙ୍କୁ ମାରଧର କରୁଥିଲେ। ମନ୍ତ୍ରୀଙ୍କ ପତ୍ନୀ ଅର୍ଥାତ ତାଙ୍କ ଶାଶୁ ମଧ୍ୟ ଚୁଟି ଧରି ମାରୁଥିଲେ। ନଣନ୍ଦ ମଧ୍ୟ ଯାବତୀୟ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ବିଷୟରେ ମନ୍ତ୍ରୀଙ୍କ ସମୁଦି କିଶୋର ଚୌଧୁରୀ ବହୁବାର ମନ୍ତ୍ରୀ ଶ୍ରୀ ମହାନ୍ତିଙ୍କୁ କହିଥିଲେ। ମାତ୍ର ମନ୍ତ୍ରୀ ଘର କଥା ଘରେ ରଖ ବୋଲି କହି ସବୁବେଳେ ଏଡ଼ାଇଯାଉଥିଲେ। ଯେତେବେଳେ ରାଜାଶ୍ରୀଙ୍କର ଜଳେଶ୍ୱର ନିର୍ବାଚନୀମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଆଲୋଚନା ଆରମ୍ଭ ହେଲା, ସେବେଠାରୁ ନିର୍ବାଚନ ବାବଦ ଖର୍ଚ୍ଚ ଯୋଗାଡ଼ କରିବାକୁ ତାଙ୍କ ଉପରେ ପଡ଼ିଥିଲା ଚାପ। ମନ୍ତ୍ରୀଙ୍କ ପରିବାରବର୍ଗ ୨୫ ଲକ୍ଷ ଟଙ୍କା ସହିତ ସ୍କର୍ପିଓ ଦାବି କରିଥିଲେ। କେବଳ ସେତିକି ନୁହେଁ, ଭୋଇସାହିରେ ଶ୍ରୀ ଚୌଧୁରୀଙ୍କ ଥିବା ମୂଲ୍ୟବାନ ଜାଗା ମନ୍ତ୍ରୀଙ୍କ ପରିବାରବର୍ଗଙ୍କୁ ଦେବାକୁ ବାଧ୍ୟ କରିଥିଲେ। ବର୍ଷା କହିଥିଲେ ଯେ ଚତୁର୍ଥୀ ପରଦିନ ଠାରୁ ଆରମ୍ଭ ହୋଇଥିଲା ଅସହଯୋଗ। ବିବାହର ୫ ଦିନ ପରେ ତାଙ୍କ ସ୍ୱାମୀ ରାଜାଶ୍ରୀ ଭୁବନେଶ୍ୱର ଚାଲିଯାଇଥିଲେ। ସେହିପରି ଅଷ୍ଟମଙ୍ଗଳା ଦିନ ସନ୍ଧ୍ୟାରେ ରାଜାଶ୍ରୀ ଛାଡ଼ି ଅନୁଗୁଳ ଚାଲିଯାଇଥିଲେ। ଝିଅ ଏହିସବୁ କଥାକୁ ବାପାବୋଉଙ୍କୁ ଜଣାଇବାକୁ ଦେଉ ନଥିଲା। ଘର କଥା ଘରେ ସମାଧାନ ହୋଇଯିବ ବୋଲି ଭାବି ଚୁପ୍ ରହୁଥିଲେ। ବର୍ଷା ନିଜ ସ୍ୱାମୀଙ୍କ ଅନୈତିକ ସଂପର୍କ କଥା ଉଠାଇଲେ ରାଜାଶ୍ରୀ ତାଙ୍କୁ ପ୍ରବଳ ନିର୍ଯାତନା ଦେଉଥିଲେ ବୋଲି ସେ କହିଛନ୍ତି।

ବର୍ଷାଙ୍କ ବାପା ତଥା ମନ୍ତ୍ରୀଙ୍କ ସମୁଦି କିଶୋର ମହାନ୍ତି କହିଥିଲେ ଯେ ସେମାନେ ତାଙ୍କ ଝିଅକୁ ଯାବତୀୟ ହଇରାଣ ହରକତ କରୁଥିଲେ। ଗତ ୧୩ ତାରିଖରେ ମନ୍ତ୍ରୀଙ୍କ ଇଙ୍ଗିତରେ ପାଞ୍ଚ ଛଅ ଜଣ ଯୁବକ ଗାଡ଼ିଆଣି ମେଘତମ୍ବୁରେ ରହୁଥିବା ତାଙ୍କ ଷଡୁଙ୍କ ଘରକୁ ଆସିଥିଲେ। ଅପହରଣ ପାଇଁ ଉଦ୍ୟମ କରିଥିଲେ। ମାତ୍ର ସୌଭାଗ୍ୟବଶତଃ ସେଦିନ ବର୍ଷା ଷଡୁଙ୍କ ଘରେ ନଥିଲେ। ଏକ ଭୋଜିକୁ ଚାଲିଯାଇଥିଲେ। କେବଳ ମାଟ୍ରିକ୍ ପରୀକ୍ଷା ଦେଉଥିବା ଷଡୁଙ୍କ ଝିଅ ହିଁ ଥିଲା। ତେଣୁ ସେମାନେ ବିଫଳ ହୋଇ ଫେରିଯାଇଥିଲେ। ସେମାନେ ଝିଅକୁ କେଉଁଠିକୁ ନେଉ ନଥିଲେ। ଗାଡ଼ିରେ ପଛରେ ବସାଉଥିଲେ। ଏପରିକି ମୋବାଇଲ କାର୍ଡ ପକାଉ ନଥିଲେ। ସେ କହିଥିଲେ, ଗତକାଲି ଅପରାହ୍ଣରେ ସେମାନେ ଏସ୍‌ପିଙ୍କୁ ଭେଟିବାକୁ ଯାଉଥିବା ଖବର ପାଇ ମନ୍ତ୍ରୀ ଶ୍ରୀ ମହାନ୍ତି ବର୍ଷାଙ୍କୁ ଫୋନ୍ କରିଥିଲେ। ମାତ୍ର କାଳେ ବର୍ଷାଙ୍କୁ ବୁଝାସୁଝା କରି ପ୍ରଭାବିତ କରିବାକୁ ଉଦ୍ୟମ କରିବେ, ସେଥିପାଇଁ ସେ ଝିଅକୁ ଫୋନ୍ ଉଠାଇବାକୁ ଦେଇ ନଥିଲେ। ତେଣୁ ମନ୍ତ୍ରୀଙ୍କ ସମେତ ତାଙ୍କ ପରିବାରର ଅନ୍ୟ ୪ ଜଣ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ଚୌଧୁରୀ ଦାବିକରିଛନ୍ତି। ଶ୍ରୀ ଚୌଧୁରୀ କହିଥିଲେ ଯେ ମନ୍ତ୍ରୀ ଇସ୍ତଫା ଦେବା ଭିନ୍ନ ପ୍ରସଙ୍ଗ। ମାତ୍ର ଏହା ଦ୍ୱାରା ତାଙ୍କ ଝିଅକୁ ନ୍ୟାୟ ମିଳିବ ନାହିଁ। ନିର୍ଯାତନା ଅତିଷ୍ଠ ହେବାରୁ ସେମାନେ ପୁଲିସର ଆଶ୍ରୟ ନେବାକୁ ବାଧ୍ୟହୋଇଛନ୍ତି। ମନ୍ତ୍ରୀ ନିଜ ପୁଅର ଅନୈତିକ ସଂପର୍କ ଜାଣି ବି ବିବାହ ସମୟରେ କହି ନଥିଲେ। ପତ୍ନୀଙ୍କ କଥାରେ ପରିଚାଳିତ ହେବାରୁ ମନ୍ତ୍ରୀ ମଧ୍ୟ ଏହି ନିର୍ଯାତନାକୁ ପ୍ରଶ୍ରୟ ଦେଇଥିଲେ। ତେଣୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଗଲେ ଯାଇ ବର୍ଷା ନ୍ୟାୟ ପାଇବ। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଲେ ପ୍ରକୃତ ସତ୍ୟ ଉନ୍ମୋଚନ ହେବ ବୋଲି ସେ କହିଛନ୍ତି।

# ଝିଅ ସମ୍ମୁଖରେ ଦଳିତ ମହିଳାଙ୍କୁ ଗଣଦୁଷ୍କର୍ମ

କେନ୍ଦ୍ରାପଡ଼ା/ଗରଦପୁର, ୨୦।୩(ଇମିସ): ପାଟକୁରା ଥାନା ଘୋଡ଼ାଦଣ୍ଡା ଗ୍ରାମରେ ଜଣେ ଦଳିତ ମହିଳାଙ୍କ ସହିତ ଗତକାଲି ବିଳମ୍ବିତ ରାତିରେ ଜୋର ଜବରଦସ୍ତି ଗଣଦୁଷ୍କର୍ମ କରାଯାଇଛି। ଥାନାବାବୁ ଡାକୁଛନ୍ତି କହି ମହିଳାଙ୍କ ସ୍ୱାମୀଙ୍କୁ ଧରି ନେଇଯିବା ପରେ ୩ ଜଣ ଦୁର୍ବୃତ୍ତ ରାତିସାରା ତାଙ୍କ ସହିତ ଜଣକ ପରେ ଜଣେ କରି ଦୁଷ୍କର୍ମ କରିଛନ୍ତି। ମହିଳାଙ୍କ ୧୦ବର୍ଷର ଝିଅ ଏ ସବୁର ମୂକ ଦର୍ଶକ ସାଜିଛି। ପୀଡ଼ିତାଙ୍କ ପକ୍ଷରୁ ଆଜି ସଂଧ୍ୟାରେ ଥାନାରେ ଏତଲା ଦିଆଯିବା ପରେ ପାଟକୁରା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି।



ଯାଜପୁର ଜିଲ୍ଲା କାଇପଡ଼ାରେ ବିବାହ କରିଥିବା ପାଟକୁରା ଥାନା ଅନ୍ତର୍ଗତ ଗୋପେଇ ଗ୍ରାମର ରଶ୍ମିତା ସାହୁ(ଛଦ୍ମନାମ) ୬ ମାସ ହେବ ନିଜ ସ୍ୱାମୀ ମନୋଜ(ଛଦ୍ମନାମ)ଓ ପିଲାଙ୍କ ସହିତ ବାପଘର ନିକଟ ଘୋଡ଼ାଦଣ୍ଡା ଗ୍ରାମରେ ରହି ମୂଲ ଲାଗୁଥିଲେ। ପ୍ରାୟ ୨ମାସ ହେବ ଏକ ଚାଳଘର ତିଆରି କରି ସେମାନେ ରହୁଥିଲେ। କିଛିଦିନ ତଳେ ଜଳପୋକ ଗ୍ରାମର ମନେଇ ଦାସଙ୍କ ପୁଅ ହଗୁରୀ ଦାସ ତାଙ୍କ ପରିବାର ସହିତ ସମ୍ପର୍କ ଯୋଡ଼ିଥିଲା। ରଶ୍ମିତାଙ୍କ ପରିବାରର ଆର୍ଥିକ ଦୁରବସ୍ଥା ଓ ସରଳତାର ସୁଯୋଗ ନେଇ ହଗୁରି ଗତ ୪ଦିନ ହେଲା ମନୋଜଙ୍କୁ ନିଜ କାମରେ ଲଗାଇଥିଲା। ତାଙ୍କୁ ଘରଡିହ କରାଇ ଦେବାର ପ୍ରତିଶ୍ରୁତି ଦେଇ ୨୦ ହଜାର ଟଙ୍କା ନେଇଥିଲା ଓ ଘୋଡ଼ାଦଣ୍ଡାରେ ଏକ ଜାଗା ମଧ୍ୟ ଦେଖାଇଥିଲା। ଜମି ଓ କାମ ଦେଇଥିବାରୁ ହଗୁରି ଏହି ପରିବାରର ଅଧିକ ଘନିଷ୍ଠ ହୋଇଥିଲା। ଏହି ସୁଯୋଗରେ ହଗୁରୀ ରଶ୍ମିତାଙ୍କୁ ଯୌନ ନିର୍ଯାତନା ଦେବା ଆରମ୍ଭ କରିଥିଲା। ପତ୍ନୀଙ୍କ ଠାରୁ ଏହା ଜାଣି ପାରି ମନୋଜ ପ୍ରତିବାଦ କରିବାରୁ ଗତ ୧୪ ତାରିଖରେ ହଗୁରୀ ଏକ ପନିକିରେ ତାଙ୍କୁ ଆକ୍ରମଣ କରିଥିଲା, ଯେଉଁଥିରେ ସେ ଗୁରୁତର ଆହତ ହୋଇଥିଲେ। ତା'ଛଡ଼ା, ଗତ ୧୭ ତାରିଖରେ ଲୋକ ଲଗାଇ ସେ ମନୋଜଙ୍କ ଚାଳଘରକୁ ➡ ୭

# ଝିଅ ସମ୍ମୁଖରେ ଦଳିତ...

ମଧ୍ୟ ଭାଙ୍ଗି ଦେଇଥିଲା । ଯାଜପୁରରୁ ଆସି ଏତେ ଦୂରରେ ରହୁଥିବାରୁ ଭୟରେ ମନୋଜ ଥାନାରେ ଅଭିଯୋଗ କରିନଥିଲେ । ଘର ଭାଙ୍ଗିଯିବାରୁ ବାରଦୁଆର ହୋଇ ବୁଲୁଥିବା ମନୋଜଙ୍କୁ ଶରତ ମଲ୍ଲିକ ନାମକ ଜଣେ ବ୍ୟକ୍ତି ଘୋଡ଼ାଦଣ୍ଡାର ଏକ ବେସରକାରୀ ସ୍କୁଲ ଘରେ ଆଶ୍ରୟ ଦେଇଥିଲେ । ଗତ ଶୁକ୍ରବାରଠାରୁ ଏହି ସ୍କୁଲରେ ସେମାନେ ସପରିବାର ରହୁଥିଲେ ।

ଗତକାଲି ବିଳମ୍ବିତ ରାତିରେ ହଠାତ୍ ହଗୁରୀ ଦାସ ଅନ୍ୟ ୪ ଜଣ ଲୋକଙ୍କ ସହିତ ଆସି ସେଠାରେ ପହଞ୍ଚିଥିଲା । 'ଆମେ ପାଟକୁରା ଥାନାବାବୁ ଆସିଛୁ' ବୋଲି କହି ସେମାନେ ମନୋଜ ରହୁଥିବା ସ୍କୁଲ୍‌ଘର କବାଟ ବାଡ଼େଇଥିଲେ । ମନୋଜ ଉଠିବା ପରେ ହଗୁରୀ ଦାସ ଓ ଅନ୍ୟ ଜଣେ ଦୁର୍ବୃତ୍ତ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ହାତ ଦୁଇଟିକୁ ପଛପଟକୁ କରି ବାନ୍ଧି ପକାଇଥିଲେ । ସେମାନେ ମନୋଜଙ୍କୁ ଏକ ବାଇକ୍‌ରେ ବସାଇ ଜୋର ଜବରଦସ୍ତ ଦୁଇ କିଲୋମିଟର ଦୂରକୁ ନେଇ ଯାଇଥିଲେ । ସେଠାରେ ଦୁର୍ବୃତ୍ତଙ୍କ ଭିତରୁ ଜଣେ ଭୁଜାଲି ଦେଖାଇ ତାଙ୍କୁ ଜଗି ରହିଥିବା ବେଳେ ଅନ୍ୟ ଜଣକ ବାଇକ୍‌ରେ ସ୍କୁଲ ନିକଟକୁ ପଳାଇ ଆସିଥିଲା । ସେପଟେ ସ୍କୁଲଘରେ ଥିବା ଅନ୍ୟ ତିନିଜଣ ଦୁର୍ବୃତ୍ତ ରଶ୍ମିତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିଲେ । ଏହା ପରେ ୩ ଜଣଯାକ ରଶ୍ମିତାଙ୍କୁ ତାଙ୍କ ୧୦ ବର୍ଷର ଝିଅ ସମ୍ମୁଖରେ ଉଲଗ୍ନ କରି ଗଣଦୁଷ୍କର୍ମ କରିଥିଲେ । ଏହାପରେ ସେମାନେ ରଶ୍ମିତାଙ୍କୁ ପ୍ରାୟ ୨୦୦ ମିଟର ଦୂରର ଏକ ପରିତ୍ୟକ୍ତ ସ୍ଥାନକୁ ନେଇ ପୁଣିଥରେ ଗଣଦୁଷ୍କର୍ମ କରିଥିଲେ । ଏ କଥା ପ୍ରକାଶ କଲେ ତାଙ୍କ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାର ଧମକ ଦେଇ ଦୁର୍ବୃତ୍ତମାନେ ଫେରାର୍ ହୋଇ ଯାଇଥିଲେ । ସେପଟେ ମନୋଜ ମାଡ଼ଗାଳି ଖାଇ ରାତି ପ୍ରାୟ ୩ଟା ବେଳେ ଘରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ରଶ୍ମିତାଙ୍କୁ ଉଦ୍ଧାର କରିଥିଲେ । ଏ ନେଇ ପୁଲିସରେ କହିବେ କି ନାହିଁ ବୋଲି ଆଜି ଦିନତମାମ୍ ଡରି ଡରି ରହିବା ପରେ ଶେଷରେ ପୀଡ଼ିତାଙ୍କ ପକ୍ଷରୁ ପାଟକୁରା ଥାନାରେ ଏତଲା ଦିଆଯାଇଛି । ଏତଲା ପାଇବା ପରେ ପାଟକୁରା ପୁଲିସ ତଦନ୍ତ ଆରମ୍ଭ କରିଥିଲେ ବି ରିପୋର୍ଟ୍ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଭିତରୁ କେହି ଗିରଫ ହୋଇନଥିବା ଜଣାପଡ଼ିଛି ।

# ପତ୍ନୀ ଆଣିଲେ ନିର୍ଯାତନା ଅଭିଯୋଗ: ଓକିଲଙ୍କ ବିରୋଧରେ ମାମଲା

ବାଲେଶ୍ୱର,୨୨/୩ (ଇମିସ): ନାରୀ ନିର୍ଯାତନାକୁ ନେଇ ଦିନକୁଦିନ ବାଲେଶ୍ୱରରେ ସଂଗିନ ଅଭିଯୋଗ ମାନ ପଦାକୁ ଆସିବାରେ ଲାଗିଛି । ସପ୍ତାହକ ତଳେ ରାଜନେତା, ଗତକାଲି ପୁଲିସ ଓ ଏବେ ଜଣେ ଆଇନଜୀବୀ ନିଜ ପତ୍ନୀଙ୍କୁ ନିର୍ଯାତନା ଦେବା ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି । ପତ୍ନୀ ନିର୍ଯାତନା ଅଭିଯୋଗ ଆଣିବା ପରେ ତାଙ୍କ ଓକିଲ ସ୍ୱାମୀଙ୍କ ବିରୋଧରେ ଟାଉନ ଥାନାରେ ୪୯୮(ଏ), ୫୦୬, ୪୯୪, ୩୪ ଆଇପିସି ଓ ୪ ଡିପି ଆକ୍ଟ ମୂଳେ ୧୦୬/୧୩ ନମ୍ବରରେ ମାମଲା ରୁଜୁ ହୋଇଛି । ଏହି ଓକିଲଙ୍କ ସଂପର୍କୀୟମାନଙ୍କ ମଧ୍ୟରେ ଥିବା ଆଇପିଏସ୍ ଅଧିକାରୀ ଏଚ୍‌ଆରପିସିର ଆଇଜି ଗୋପବନ୍ଧୁ ମଲ୍ଲିକଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଛି । ବାଲେଶ୍ୱର ଟାଉନ୍ ଥାନାରେ ଏନେଇ ଅଭିଯୋଗ ହେବା ପରେ ଏହି ଅଭିଯୋଗ ସହଦେବଖୁଣ୍ଟା ଥାନାକୁ ସ୍ଥାନାନ୍ତର ହେବା ସହିତ ଏଠାରେ ମାମଲା ରୁଜୁହୋଇଛି ।

ଅଭିଯୋଗରେ ଦର୍ଶାଯାଇଛି ଯେ ଟାଉନ୍ ଥାନା ଅନ୍ତର୍ଗତ ମାନସିଂବଜାର ନିବାସୀ ସନ୍ତୋଷିନୀ ମଲ୍ଲିକ (୩୧) ସିଂଲା ଥାନା ଅନ୍ତର୍ଗତ ସାଉଡ଼ି ଗ୍ରାମର ନନ୍ଦ କିଶୋର ମଲ୍ଲିକଙ୍କୁ ଗତ ୧୨.୫.୨୦୦୧ ରିଖରେ ବୈଦିକ ରୀତିରେ ବିବାହ କରିଥିଲେ । ବିବାହର କିଛି ବର୍ଷ ପର୍ଯ୍ୟନ୍ତ ସେ ନିଜ ଶ୍ୱଶୁରଙ୍କ ଘରେ ରହିଥିବା ବେଳେ ପରେ ସେ ସ୍ୱାମୀଙ୍କ ନିଜ ବାସଭବନ ବାଲେଶ୍ୱର



ସହରର କାଳିଦାସପୁରକୁ ଆସି ଏଠାରେ ରହୁଥିଲେ । ତାଙ୍କର ୨୦୦୨ ଓ ୨୦୦୪ରେ ଯଥାକ୍ରମେ ଦୁଇଟି ଝିଅ ହୋଇଥିଲା । ପ୍ରଥମ ଝିଅ ଜନ୍ମ ପରେ ତାଙ୍କ ଓକିଲ ସ୍ୱାମୀ ବାପାଙ୍କ ଘରୁ ୮୦ ହଜାର ଟଙ୍କା ଆଣିବାକୁ ବାଧ୍ୟ କରିଥିଲେ । ମାତ୍ର ବାପାଙ୍କ ଦେହାନ୍ତ ହୋଇଯାଇଥିବାରୁ ଏବଂ ବିବାହ ସମୟରେ ତାଙ୍କ ବାପା ୮୦ ହଜାର ଟଙ୍କା ଯୌତୁକ ଦେଇଥିବାରୁ ବିଧବା ମାଆଙ୍କ ପକ୍ଷେ ଆଉ ଟଙ୍କା ଦେବା ସମ୍ଭବ ନଥିଲା । ଫଳରେ ତାଙ୍କ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶାଶୁ ସୁବାସିନୀ ମଲ୍ଲିକ, ଦିଅର ଅକ୍ଷୟ ମଲ୍ଲିକ, ନଣନ୍ଦ ଭବାନୀ ମଲ୍ଲିକ, ନଣଦେଇ ଗୋପବନ୍ଧୁ ମଲ୍ଲିକ ପ୍ରମୁଖ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ । ଗତ ୫.୬.୨୦୧୦ରେ ସେମାନେ ତାଙ୍କୁ ମାଡ଼ ମାରିବା ସହିତ ୨ ଝିଅଙ୍କୁ ଘର ଭିତରେ ରଖି ତାଙ୍କୁ ଘରୁ ବାହାର କରିଦେଇଥିଲେ । ଘରକୁ ଆସିଲେ କିରୋସିନି ଢ଼ାଳି ମାରିଦେବା ଧମକ ଦେଇଥିଲେ । ଏହାପରେ ସେ ଜଳେଶ୍ୱର ମୁକାମ ପରିବାର ଅଦାଲତରେ ମକଦ୍ଦମା କରିବା ସହିତ ମହିଳା କମିସନଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହିପରି କିଛିଦିନ ତଳେ ତାଙ୍କ ସ୍ୱାମୀ ନନ୍ଦକିଶୋର ମଲ୍ଲିକ ସାଉଡ଼ି ଗ୍ରାମର ଜଣେ ଯୁବତୀଙ୍କୁ ଲକ୍ଷ୍ମଣନାଥ ଶିବ ମନ୍ଦିରରେ ବିବାହ କରିଥିଲେ । ଗତ ୨୧ ତାରିଖରେ ସେ ଏବିଷୟରେ ଶ୍ୱଶୁରଘରକୁ ଯାଇ ସ୍ୱାମୀଙ୍କୁ ପଚାରିବାରୁ ସ୍ୱାମୀ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ତେଣୁ ଉପରୋକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ତାଙ୍କୁ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାକୁ ସେ ଦାବି କରିଛନ୍ତି ।

### ଯୌତୁକ ନିର୍ଯାତନା ଅଭିଯୋଗ ଘଟଣା

# ମାନବାଧିକାର କମିସନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨୪।୩ (ଇମିସ): ଆଇପିଏସ୍ ଅଫିସର ତଥା ତଥା ପୂର୍ବତନ ରାଜ୍ୟ ମାନବାଧିକାର କମିସନ ଏଡିଜି ଗୋପବନ୍ଧୁ ମଲ୍ଲିକଙ୍କ ବିରୋଧରେ ହୋଇଥିବା ଯୌତୁକ ନିର୍ଯାତନା ଅଭିଯୋଗ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅବିଳମ୍ବେ ରିପୋର୍ଟ ଦେବାକୁ ରାଜ୍ୟ ମାନବାଧିକାର କମିସନ ବାଲେଶ୍ୱର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଖବର ମିଳିଛି ।

ସେହିପରି ମହିଳା କମିସନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗକାରିଣୀ ସନ୍ତୋଷିନୀ ମଲ୍ଲିକଙ୍କୁ ଆସନ୍ତା ମାସ ୧୪ ତାରିଖରେ କମିସନଙ୍କ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଛି । ସେ ୬ ମାସ ତଳେ ମହିଳା କମିସନରେ ଅଭିଯୋଗ କରିଥିଲେ । ଏ ନେଇ ପୂର୍ବରୁ ଥରେ ମହିଳା କମିସନ ଶୁଣାଣି ହୋଇ ସାରିଛି । ପୁଣିଥରେ ଆସନ୍ତା ୧୪ ତାରିଖରେ ହାଜର ହେବାକୁ କୁହଯାଇଛି ବୋଲି ମହିଳା କମିସନଙ୍କ କାର୍ଯ୍ୟାଳୟ ସୂତ୍ରରୁ ଖବର ମିଳିଛି ।

# ପତ୍ନୀକୁ ହାତୁଡ଼ିରେ ପିଟି ହତ୍ୟା

ବ୍ରହ୍ମପୁର,୨୬।୩(ଇମିସ): ସାମାନ୍ୟ ଘରୋଇ କଳିକୁ କେନ୍ଦ୍ର କରି ବନ୍ଦ କୋଠରୀରେ ପକାଇ ପତ୍ନୀ ଉପରେ ଦୁଇ ଘଣ୍ଟା ଧରି ଅତ୍ୟାଚାର ଚଳାଇଲା ସ୍ୱାମୀ। ରକ୍ତମୁଖା ହୋଇ ତୀକ୍ଷ୍ଣ ଛୁରିରେ ଶରୀରର ବିଭିନ୍ନ ଭାଗକୁ ଲଗାତାର ଆଘାତ କରି ଚାଲିଲା। ଏହାପରେ ପରେ ବି ରାଗ ମେଣ୍ଟିଲାନି, ପତ୍ନୀର ମୁଣ୍ଡକୁ ଏକ ହାତୁଡ଼ିରେ ନିର୍ମମ ଭାବେ ପିଟି ହତ୍ୟା କରିଦେଲା। ଏଭଳି ଲୋମଟାଙ୍କୁରା ଘଟଣା ଆଜି ଗଂଜାମ ଜିଲ୍ଲା ହିଂଜିଳିକାଟୁ ସହର ବଇଁଚବଣିଆ ଅଂଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକଙ୍କ ନାମ ରଶ୍ମିତା କୁମାରୀ ପଟ୍ଟନାୟକ(୨୮)। ଅଭିଯୁକ୍ତ ତଥା ମୃତ ରଶ୍ମିତାଙ୍କ ପତି ପ୍ରଶାନ୍ତ କୁମାର ପଟ୍ଟନାୟକକୁ ପୁଲିସ ଗିରଫ କରିଛି। ଏ ନେଇ ହିଂଜିଳି ଥାନାରେ କେସ୍ ନଂ-୫୩/୧୩ ଆଇପିସି ୩୦୨ଅନୁସାରେ ମାମଲା ରୁଜୁ ହୋଇଛି। ପୁଲିସ ପ୍ରଶାନ୍ତ ଠାରୁ ହତ୍ୟାରେ ବ୍ୟବହୃତ ହାତୁଡ଼ି, ଛୁରି ଜବତ କରିଥିବା ହିଂଜିଳି ଥାନା ଦାୟିତ୍ୱରେ ଥିବା ପାଟପୁର ଥାନା ଆଇଆଇସି ଜ୍ଞାନରଂଜନ ମିଶ୍ର କହିଛନ୍ତି।।

ଧରାକୋଟ ଥାନା ନୂଆଗଡ଼ ଅଂଚଳର ବଂଶୀ ପଟ୍ଟନାୟକଙ୍କ ଝିଅ ରଶ୍ମିତା କୁମାରୀ ପଟ୍ଟନାୟକଙ୍କୁ ହିଂଜିଳିକାଟୁ ବଂଇଚବଣିଆ ଅଂଚଳର ପ୍ରଶାନ୍ତ କୁମାର ପଟ୍ଟନାୟକ ଆଠ ବର୍ଷ ତଳେ ବିବାହ କରିଥିଲା। ପ୍ରଶାନ୍ତ ସୁରତରେ କାମ କରୁଥିଲା। ରଶ୍ମିତା ଓ ତାଙ୍କର ଏକ ସାତ ବର୍ଷର ଝିଅ ଠାକୁରାଣୀ ମନ୍ଦିର ସାହିରେ ରହୁଥିଲେ। ବତେବେ ଗତ ଦେଢ ବର୍ଷ ହେଲା ପ୍ରଶାନ୍ତ ତା ବାପାଙ୍କ ମୃତ୍ୟୁ ପରେ ସୁରତ ଛାଡ଼ି ବଇଁଚବଣିଆ ଠାକୁରାଣୀ ମନ୍ଦିର ସାହି ନିକଟ ଗୀତାଭବନ ମାର୍ଗରେ ପତ୍ନୀ ଓ ଝିଅଙ୍କୁ ନେଇ ରହୁଥିଲା। ସୁରତରୁ ଆସିଯିବା ପରେ ପ୍ରଶାନ୍ତ କୌଣସି କାମଧନ୍ଦା ମଧ୍ୟ କରୁ ନଥିଲା। ଯାହାକୁ ନେଇ ପତ୍ନୀ ରଶ୍ମିତାଙ୍କ ସହ ତାଙ୍କର ପାଟିତୁଣ୍ଡ ଓ ଝଗଡ଼ା ଲାଗି ରହୁଥିଲା। ଆଜି ସକାଳେ ରଶ୍ମିତା ଓ ତାଙ୍କ ଝିଅ ଘରେ ଥିବା ବେଳେ ହଠାତ୍ ପ୍ରଶାନ୍ତ ଆସି ପାଟିତୁଣ୍ଡ କରିଥିଲା। ପରେ ଉତ୍କ୍ଷିପ୍ତ ହୋଇ ପ୍ରଶାନ୍ତ ରଶ୍ମିତାଙ୍କୁ ଟାଣି ଟାଣି ଆଉ ଏକ କୋଠରୀକୁ ନେଇ ଯାଇଥିଲା। ଭିତର ପଟୁ କବାଟ ବନ୍ଦ କରି ଏକ ଛୁରି ଧରି ଆସି ପ୍ରଶାନ୍ତ ରଶ୍ମିତାଙ୍କ ଗୋଡ଼, ହାତରେ ଆଘାତ ଦେଇ ଚାଲିଥିଲା। ପରେ ପ୍ରଶାନ୍ତ ଏକ ହାତୁଡ଼ି ଆଣି ରଶ୍ମିତାଙ୍କ ମୁଣ୍ଡର ପଛ ଭାଗକୁ ଜୋରରେ ପିଟି ଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତକୁ ଗିରଫ କରିଥିଲା। ରଶ୍ମିତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହିଂଜିଳିକାଟୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ତେବେ ରଶ୍ମିତାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

# ୫୯ ଦିନରେ ୧୧୫ ଶିଶୁ ଦୁଷ୍କର୍ମର ଶିକାର

ଭୁବନେଶ୍ୱର,୧୪।୩(ଇମିସ): ଗତ ଜାନୁଆରି ଓ ଫେବ୍ରୁଆରି ମାସର ମୋଟ ୫୯ଦିନ ମଧ୍ୟରେ ରାଜ୍ୟରେ ୧୧୫ଜଣ ଶିଶୁ ଦୁଷ୍କର୍ମର ଶିକାର ହୋଇଛନ୍ତି। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଉଷା ଦେବୀ ବିଧାନସଭାକୁ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛନ୍ତି।

ଆଜି ମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି ଯେ ରାଜ୍ୟର ୩୬ଟି ପୁଲିସ ଜିଲ୍ଲା ମଧ୍ୟରୁ ୩୦ଟି ଜିଲ୍ଲାରେ ଶିଶୁ ଦୁଷ୍କର୍ମ ନେଇ ରିପୋର୍ଟ କରାଯାଇଛି। ଏହି ୫୯ ଦିନ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୧୧ଜଣ ଶିଶୁ, କଟକ ଓ ରାଉରକେଲାରେ ୮ ଓ ନବରଙ୍ଗପୁରରେ ୭ଶିଶୁ ଦୁଷ୍କର୍ମର ଶିକାର ହୋଇଛନ୍ତି। ୨୦୧୦ ମସିହାରୁ ୨୦୧୨ମଧ୍ୟରେ ରାଜ୍ୟରେ ସମୁଦାୟ ୨ହଜାର ୭୧ଟି ଶିଶୁ ଦୁଷ୍କର୍ମର ଶିକାର ହୋଇଥିବା ଗୃହ ବିଭାଗ ତଥ୍ୟକୁ ଆଧାର କରି ମନ୍ତ୍ରୀ କହିଛନ୍ତି। ଏଥିମଧ୍ୟରୁ ୨୦୧୦ରେ ୫୮୦ଟି ମାମଲା ଫଂଜୀକୃତ ହୋଇଥିବା ବେଳେ ୨୦୧୧ରେ ଏହା ୬୩୮କୁ ବୃଦ୍ଧି ପାଇଥିଲା। ସେହିପରି ୨୦୧୨ରେ ଏହା ଆହୁରି ବୃଦ୍ଧି ପାଇ ୮୫୩ରେ ପହଞ୍ଚିଛି।

ଏହି ତିନିବର୍ଷର ପରିସଂଖ୍ୟାନକୁ ଦେଖିଲେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୨୬ ଶିଶୁ ଦୁଷ୍କର୍ମର ଶିକାର ହୋଇଛନ୍ତି। ତେବେ ଚଳିତବର୍ଷ ପ୍ରଥମ ଦୁଇମାସରେ ଗୋଟିଏ ବି ମାମଲା ଫଂଜୀକୃତ ହୋଇନାହିଁ। ଏସବୁ ଘଟଣାରେ ତୁରନ୍ତ ତଦନ୍ତ ଶେଷ କରି ଚାର୍ଜସିଟ୍ ଦାଖଲ ପାଇଁ ରାଜ୍ୟ ସରକାର ପୁଲିସକୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ କହିଛନ୍ତି।

## ଗଁଦିଆ ଦଳିତ ନାବାଳିକା ଗଣଦୁଷ୍କର୍ମ ଓ ପୋଡ଼ି ଘଟଣା

# କାହାର ଦରଦ ନାହିଁ...

ଢେଙ୍କାନାଳ/ଗଁଦିଆ,୧୪ା୩(ଇମିସ)ः ଗଁଦିଆ ଥାନା ମଠତେନ୍ତୁଳିଆ ଗ୍ରାମର ଦଳିତ ନାବାଳିକା ମିନୁ (ଛଦ୍ମନାମ)କୁ ଗଣଦୁଷ୍କର୍ମ ପରେ ପୋଡ଼ି ମାରିଦେବା ପଛରେ ଏକତରଫା ପ୍ରେମ ହିଁ ମୁଖ୍ୟ କାରଣ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଗ୍ରାମର ଶିବାଜୀ ନାଏକ ମୁନିକୁ ୩ ବର୍ଷ ହେଲା ଏକତରଫା ପ୍ରେମ କରି ଆସୁଥିଲା। ଅନେକ ସମୟରେ ମୁନି ପ୍ରତି ସେ ଅସଦାଚରଣ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ ମଧ୍ୟ ପରିବାର ଲୋକ ଭୟରେ ମୁହଁ ଖୋଲୁନଥିଲେ। ମୁନିକୁ ବିବାହ କରିବା ପାଇଁ ଅନ୍ୟ ଲୋକଙ୍କ ମାଧ୍ୟମରେ ଶିବାଜୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ମୁନିର ବାପା ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ତା' ପରଠାରୁ ଶିବାଜୀ ଚୁପ୍‌ଚାପ୍ ରହିଥିଲେ ମଧ୍ୟ ପ୍ରତିଶୋଧ ନେବାକୁ ସୁଯୋଗ ଉଣ୍ଡୁଥିଲା। ସ୍ଥାନୀୟ ରଂଜା ଗ୍ରାମର ଶରତ ନାଏକ ନାମକ ଜଣେ ଯୁବକ ପରେ ମୁନିକୁ ଏକତରଫା ପ୍ରେମ କରିବା ଆରମ୍ଭ କରିଥିଲା। ଶରତ ଜଣେ ଗାଡ଼ି ଚାଳକ। ଏ କ୍ଷେତ୍ରରେ ଶରତକୁ ପ୍ରେମରେ ବିଫଳ ହୋଇଥିବା ଶିବାଜୀ ସହଯୋଗ କରୁଥିଲା ବୋଲି ମୁନିଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି। ଗତ ୧୨ ତାରିଖରେ ମୁନିଙ୍କ ବାପା, ମାଆ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ କଟକ ଯାଇଥିଲେ। ଏହି ସୁଯୋଗରେ ଦିନ ୧୧ଟାବେଳେ ମୁନିକୁ ଶରତ ଓ ତା'ର କେତେଜଣ

### ପ୍ରଶାସନ କି ନେତାଙ୍କର ଆହା ପଦେ ନାହିଁ

### ଭଡ଼ାଗାଡିରେ ଝିଅର ଦେହାବଶେଷକୁ କଟକ ଫରେନ୍‌ସିକ୍ ଲାବ୍‌କୁ ନେଲେ ବାପା

ସହଯୋଗୀ ଟଣାଓଟରା କରି ଉଠାଇ ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀଙ୍କ ବିରୋଧ ଯୋଗୁ ସେମାନେ ସଫଳ ହୋଇ ପାରିନଥିଲେ। ଏହି ଘଟଣାରେ ଶିବାଜୀଙ୍କ ହାତ ଥିଲା ବୋଲି ପରିବାର ଲୋକ କହିଛନ୍ତି। ଘଟଣା ଦିନ ରାତିରେ ମୁନି ଜେଜେମା ପାଖରେ ଶୋଇଥିବା ବେଳେ ଶରତ, ଶିବାଜୀ ଏବଂ ସେମାନଙ୍କର ଆଉ ୨ ଜଣ ସହଯୋଗୀ ଘରେ ପଶିଥିଲେ। ଜେଜେମା ପାଖରୁ ମୁନିକୁ ଉଠାଇ ତାଙ୍କ ପୁରୁଣା ଘର ଭିତରେ ବଳାତ୍କାର କରିଥିଲେ। ପରେ ସେହି ଘରକୁ ବାହାରପଟୁ ତାଲା ପକାଇ ନିଆଁ ଲଗାଇ ପଳାଇଥିଲେ। ମୁନି ଜିଅନ୍ତା ପୋଡ଼ି ପ୍ରାଣ ହରାଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଶିବାଜୀ ନାଏକକୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଶରତ ନାଏକ ଓ ୨ ଜଣ ସହଯୋଗୀ ଫେରାର ହୋଇ ଯାଇଛନ୍ତି। ଏତେ ବଡ଼ ଅପରାଧର ଶିକାର ହୋଇଥିଲେ ବି ପରିବାର ଲୋକଙ୍କୁ ଆହା କରିବା ପାଇଁ ଜଣେ ହେଲେ ପ୍ରାଶାସନିକ ଅଧିକାରୀ ଗାଁରେ ପହଞ୍ଚି ନାହାନ୍ତି। ଶାସକ ଦଳର କୌଣସି ନେତା ବି ସମବେଦନା ଜଣାଇବାକୁ ଯାଇନାହାନ୍ତି। ପ୍ରଶାସନ ପକ୍ଷରୁ ଟଙ୍କାଟିଏ ବି ସାହାଯ୍ୟ ମିଳିନି ଏହି ଦଳିତ ପରିବାରକୁ। ପୋଡ଼ି ପାଉଁଶ ହୋଇ ଯାଇଥିବା ମୁନିଙ୍କ ଦେହାବଶେଷ କଟକ ଫୋରେନ୍‌ସିକ୍ ଲ୍ୟାବ୍‌କୁ ବ୍ୟବଚ୍ଛେଦ ନିମନ୍ତେ ଆଜି ପଠାଯାଇଛି। ମୁନିଙ୍କ ବାପା ଧାରକରଜ କରି ଅଢେଇ ହଜାର ଟଙ୍କା ଭଡା ଗାଡ଼ି କରି ଝିଅର ମୃତଦେହ ବ୍ୟବଚ୍ଛେଦ କରାଇବାକୁ ଯାଇଛନ୍ତି।

---

## ଗଁଦିଆ ନାବାଳିକା ଗଣଦୁଷ୍କର୍ମ, ପୋଡ଼ି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

# ମିନୁ ପାଇଁ କେହି ନାହିଁ?

ଢେଙ୍କାନାଳ/ଗଁଦିଆ,୧୫ା୩(ଇମିସ)ः ଗଁଦିଆ ଥାନା ମଠତେନ୍ତୁଳିଆ ଗ୍ରାମର ଦଳିତ ନାବାଳିକା ମିନୁ (ଛଦ୍ମନାମ)କୁ ଗଣଦୁଷ୍କର୍ମ ପରେ ପୋଡ଼ି ମାରି ଦେବା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କାମାକ୍ଷାନଗର ବ୍ଲକ ତୁମୁସିଂହା ଥାନା ଅଘିରାଗୋଡ଼ା ଗ୍ରାମର ଶରତ ନାଏକକୁ ଗତକାଲି ରାତିରେ ପୁଲିସ ଗିରଫ କରିଛି। ଅନ୍ୟତମ ଅଭିଯୁକ୍ତ ଶିବାଜୀ ନାଏକକୁ ପୂର୍ବରୁ ଗିରଫ କରାଯାଇଥିଲା। ଏକତରଫା ପ୍ରେମକୁ ନେଇ ଦୁଇ ହତାଶ ପ୍ରେମିକ ଶିବାଜୀ ଓ ଶରତ ସେଦିନ ରାତିରେ ମିନୁକୁ ବଳାତ୍କାର କରିବା ପରେ ହତ୍ୟା କରିଥିଲେ ଏବଂ ତା' ଘରେ ନିଆଁ ଲଗାଇ ଦେଇଥିବା ସ୍ୱୀକାର କରିଛନ୍ତି ବୋଲି ଢେଙ୍କାନାଳ ଏସ୍‌ପି ମନୋରଂଜନ ମହାନ୍ତି କହିଛନ୍ତି। ଏହି କାର୍ଯ୍ୟରେ ସେମାନଙ୍କୁ ୨ ଜଣ ସହଯୋଗ କରିଥିବା ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ହୋଇଥିବାବେଳେ କେବଳ ଶିବାଜୀ ଓ ଶରତ ଏହି କାମ କରିଛନ୍ତି ବୋଲି ପୁଲିସ କହିଛି। ମଠତେନ୍ତୁଳିଆ ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲେ ମଧ୍ୟ ଗତକାଲି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଆହା କହିବାକୁ କେହି ଯାଇ ନଥିଲେ କି ଟଙ୍କାଟିଏ ପୀଡିତା ପରିବାରକୁ ସାହାଯ୍ୟ କରିନଥିଲେ। ଧାରକରଜ କରି ଅଢେଇ ହଜାର ଟଙ୍କା ଯୋଗାଡ କରି ମୃତା ମିନୁର ବାପା ଝିଅର ଦେହାବଶେଷକୁ କଟକ ଫୋରେନସିକ୍ ଲାବକୁ ବ୍ୟବଚ୍ଛେଦ ନିମନ୍ତେ ନେଇଥିଲେ। ଏହି ଖବର ଆଜି 'ସମ୍ବାଦ'ରେ ପ୍ରକାଶ ପାଇବା ପରେ ପ୍ରଶାସନର ନିଦ ଭାଙ୍ଗିଥିଲା। ଜିଲ୍ଲାପାଳ ବିଷ୍ଣୁପ୍ରସାଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ପ୍ରଦୀପ୍ତ କୁମାର ସାହାଣୀ ଓ ଅନ୍ୟ ଅଧିକାରୀମାନେ ମଠତେନ୍ତୁଳିଆ ଗ୍ରାମକୁ ଯାଇ ପୀଡିତା ପରିବାରକୁ ଭେଟି ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ସାହାଯ୍ୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ମିନୁଙ୍କ ବାପା ଓ ମାଆ ବାହାଘର କାମରେ କଟକ ଯାଇଥିବାବେଳେ ସେଦିନ ରାତିରେ ମିନୁକୁ ଜେଜେମା ପାଖରୁ ଶରତ ଓ ଶିବାଜୀ ଉଠାଇ ନେଇ ତାଙ୍କ ପୁରୁଣା ଘରେ ବଳାତ୍କାର କରିଥିଲେ। ଘର ଲୋକଙ୍କୁ ଏ କଥା କହିବ ବୋଲି ମିନୁ ପ୍ରକାଶ କରିବା ପରେ ତାକୁ ସେଠାରେ ହତ୍ୟା କରାଯାଇ ସେହି ଘର ସହ ଜାଳି ଦିଆଯାଇଥିଲା। ଆସନ୍ତାକାଲି ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ଏହି ଘଟଣା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ସାଂସଦ ଓ ସ୍ଥାନୀୟ ବିଧାୟକ ମିନୁଙ୍କ ପରିବାରକୁ ସମବେଦନା ଜଣାଇବାକୁ ନ ଆସିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି।

ବିଶେଷକରି ଏହି ଘଟଣାରେ ସରକାରୀ ଓ ପ୍ରାଶାସନିକ ଉପେକ୍ଷା ଓ ଉଦାସୀନ ମନୋଭାବ ଅଂଚଳବାସୀଙ୍କୁ ମର୍ମାହତ କରିଛି। ଦିଲ୍ଲୀରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ଓ ଚଳନ୍ତା ବସ୍‌ରୁ ଠେଲି ହତ୍ୟା ଉଦ୍ୟମ ମାମଲାରେ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ତେବେ ଗଁଦିଆର ଏହି ଘଟଣା ଦିଲ୍ଲୀର ଘଟଣାଠାରୁ କିଛି କମ୍ ନ ଥିଲେ ବି ଏ ନେଇ ରାଜନୈତିକ ଦଳ ଓ ବୁଦ୍ଧିଜୀବୀମାନେ ନିରବ କାହିଁକି ବୋଲି ଅଂଚଳବାସୀ ପ୍ରଶ୍ନ କରୁଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

ଧାମରା,୧୫/୩(ଇମିସ): ଧାମରାସ୍ଥିତ ଜୟଦୁର୍ଗା ପାଟଣାରେ ଜଣେ ୭ବର୍ଷର ନାବାଳିକାକୁ ବଳାତ୍କାର ପରେ ହତ୍ୟା କରାଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବାଂଶଡ଼ା ପୁଲିସ୍ ଏହି ବଳାତ୍କାର ଓ ହତ୍ୟାକାଣ୍ଡ ଘଟାଇଥିବା ସନ୍ଦେହରେ ସେହି ଗ୍ରାମର ଜଣେ ଯୁବକକୁ ଅଟକ ରଖି ପଚରା ଉଚୁରା କରିବା ସହ ଥାନାରେ ଏକ ମାମଲା (୫୬/୧୩) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ଏକାଧିକ ଲୋକ ଜଡ଼ିତ ଥିବାରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

## ଯୁବକ ଅଟକ



ଜୟଦୁର୍ଗା ପାଟଣା ଗାଁର ଅଖିଳ ବେରାଙ୍କ ଝିଅ ପୂଜା ବେରା (୭) ଗାଁରେ ଚାଲିଥିବା ଅନୁକୂଳ ଚନ୍ଦ୍ରଙ୍କର ୧୨୫ ତମ ଜନ୍ମଉତ୍ସବକୁ ଆସିଥିଲା। ଅଭିଯୋଗ ଅନୁଯାୟୀ ଦିନ ପ୍ରାୟ ୧୧ଟା ସମୟରେ ସେହି ଗ୍ରାମର ଯୁବକ ସପନ ଜେନା (୨୦)ଙ୍କ ସହ ଅନ୍ୟ ଦୁଇ ଜଣ ତାକୁ ଚକଲେଟ ଦେଇ ପାଣି ଆଣିବା ପାଇଁ ନିକଟସ୍ଥ ଘରକୁ ପଠାଇଥିଲେ। ତା' ପରେ ଝିଅଟି ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ରାତି ପ୍ରାୟ ୭ଟା ୩୦ ବେଳକୁ ନିରଂଜନ ମଣ୍ଡଳଙ୍କ ଘରୁ ପୂଜାର ଶବକୁ ଗ୍ରାମବାସୀମାନେ ଉଦ୍ଧାର କରିଥିଲେ ଏବଂ ଏ ନେଇ ଧାମରା ଫାଣ୍ଡି ଓ ବାଂଶଡ଼ା ଥାନାକୁ ଖବର ଦେଇଥିଲେ। ଖବର ପାଇ ବାଂଶଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସପନକୁ ଥାନାକୁ ନେଇ ପଚରା ଉଚରା କରୁଥିବାର ଜଣାଯାଇଛି। ଅନ୍ୟପଟେ ନିରଂଜନ ମଣ୍ଡଳକୁ ଗିରଫ କରାନଗଲେ ନାବାଳିକାର ଶବକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ବେଳକୁ ସଂପୂର୍ଣ୍ଣ ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

## ତେରବର୍ଷର ବାଳିକା ସହ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

କୁଆରମୁଣ୍ଡା,୧୫/୩(ଇମିସ):କୁଆରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସବରପଡାର ଜନୈକା ତେରବର୍ଷର ନାବାଳିକାକୁ ସେହି ବସ୍ତିର ଜଣେ ୫୫ ବର୍ଷର ବ୍ୟକ୍ତି ବଳାତ୍କାର କରିଥିବା କୁଆରମୁଣ୍ଡା ଫାଣ୍ଡିରେ ଏତଲା ହୋଇଛି। ରାଉରକେଲା ବେଦବ୍ୟାସ ଅଂଚଳରେ ରହୁଥିବା କାଶିନାଥ ଗୋସାଇଁ(୫୫) କିଛି ଦିନ ହେବ କୁଆରମୁଣ୍ଡା ସବରବସ୍ତିରେ ନିଜ ଜ୍ୱାଇଁ ଘରକୁ ଆସିଥିଲା। ଗତକାଲି ରାତିରେ କାଶିନାଥ ଗୋସାଇଁ ଏକ ଦଉଡି ଖଟିଆରେ ଘର ବାରଣ୍ଡାରେ ଶୋଇଥିଲା। ରାତି ୧୨ଟା ସମୟରେ ପଡିଶା ଘରର ଜଣେ ୧୩ ବର୍ଷର ନାବାଳିକା ଝିଅ ପରିସ୍ରା କରିବାକୁ ଉଠିଥିବାବେଳେ କାଶିନାଥ ତାକୁ ପଛରୁ ଭିଡିଧରି ଖଟିଆକୁ ଟେକି ନେଇ ବଳାତ୍କାର କରିଥିଲା। ଏ ବିଷୟରେ ଘରେ କାହାରିକୁ ନଜଣାଇବାକୁ ଧମକ ଦେଇ ଛାଡି ଦେଇଥିଲା। ଆଜି ସକାଳେ ପୀଡିତା ନାବାଳିକାର ମା' କୁଆରମୁଣ୍ଡା ଫାଣ୍ଡିରେ ଏକ ଅଭିଯୋଗ କରିଥିଲେ। ଏତଲାକୁ ଭିତିକରି ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ପୀଡିତାକୁ ଡାକ୍ତରୀମାଇନା ପାଇଁ ପଠାଇ ଥିଲେ।

### ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ୨ ଗିରଫ

# ପ୍ରତିଶୋଧ ପାଇଁ ୪ ହଜାରର ସୁପାରି




ଧାମରା, ୧୬/୩(ଇମିସ): ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଧାମରା ପଞ୍ଚାୟତର ଜୟଦୁର୍ଗା ପାଟଣା ଗ୍ରାମରେ ଗତକାଲି ଜଣେ ୭ବର୍ଷର ନାବାଳିକାକୁ ବଳାତ୍କାର ପରେ ହତ୍ୟା କରିବା ଘଟଣା ଆଜି ଭିନ୍ନ ମୋଡ଼ ନେଇଛି। ଏହି ଅମାନୁଷିକ ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଗତକାଲିଠାରୁ ପ୍ରକାଶ ପାଇଁ ଉତ୍ତେଜନା ପ୍ରଶମିତ ହୋଇଛି। ତେବେ ଲୋକେ ଏଭଳି ଜଘନ୍ୟ ଘଟଣା ଘଟାଇଥିବା ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଗତକାଲି ପୁଲିସ୍ ଅଟକ ରଖିଥିବା ଏହି ଗ୍ରାମର ଯୁବକ ସପନ ଜେନା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ନିଜର ଦୋଷ ସ୍ୱୀକାର କରିଛି। ତେବେ ଏ ଘଟଣା ପଛରେ ମାଷ୍ଟର ମାଇଣ୍ଡ ଭରତ ଦାସ (୪୪) ବୋଲି ସପନ କହିବା ପରେ ବାଂଶଡ଼ା ଥାନା ପୁଲିସ୍ ଉଭୟଙ୍କୁ କେସ୍ ନଂ ୫୬/୧୩ରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

ଆସାମୀ ସପନ ପୁଲିସ ଆଗରେ ଦେଇଥିବା ବୟାନ ଅନୁଯାୟୀ, ସେହି ଗ୍ରାମର ଭରତ ଓ ନାବାଳିକାର ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ତେଣୁ ପ୍ରତିଶୋଧ ନେବା ପାଇଁ ଭରତ ସପନକୁ ୪ହଜାର ଟଙ୍କାର ସୁପାରି ଦେଇଥିଲା। ଗତକାଲି ନାବାଳିକାକୁ ଏକୁଟିଆ ପାଇ ଆସାମୀ ଦୁଇଜଣ ଏହି ଅମାନୁଷିକ କାଣ୍ଡ ଘଟାଇଥିଲେ। ନାବାଳିକା ଜଣକୁ ଚକ୍‌ଲେଟ୍ ଦେଇ ତାକୁ ନିକଟରେ ଥିବା ନିରଂଜନ ମଣ୍ଡଳଙ୍କ ଘରୁ ପାଣି ଆଣିବାକୁ ପଠାଇଥିଲେ। ତେବେ ନାବାଳିକା ଜଣକ ପାଣି ଆଣି ଆସୁଥିବା ବେଳେ ଘର ନିକଟରେ ଥିବା ଏକ ଇଟା କାଢ଼ିଣି ପାଖକୁ ଡାକିନେଇ ଦୁହେଁ ତା ସହ ଦୁର୍ଷ୍କମ କରିଥିଲେ। ଏକ ଇଟାରେ ସପନ ନାବାଳିକାର ମୁଣ୍ଡକୁ ଛେଚି ହତ୍ୟା କରିଥିଲା।

# ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ, ଶିକ୍ଷକ ଗିରଫ

ରାୟଗଡା,୧୫ ।୩(ଇମିସ): ରାୟଗଡା ସାଇପ୍ରିୟା ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରୀଙ୍କ ପ୍ରତି ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ରାୟଗଡ଼ା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପାଲକାଙ୍କୁ ଗିରଫ କରିଛି । ଅଭିଯୋଗ ଅନୁଯାୟୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ଛୁଟି ହେବାପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପାଲକା ବିଦ୍ୟାଳୟର ଦୁଇଜଣ ଝିଅଙ୍କୁ ରୋଷେଇ ଘରେ ଝାଡୁ କରିବାକୁ କହିଥିଲେ । ଝାଡୁ କରିବା ପରେ ଗୋଟିଏ ଝିଅକୁ ଶିକ୍ଷକ ବାହାରକୁ ପଠେଇ ଦେଇ ଅନ୍ୟ ଛାତ୍ରୀଙ୍କୁ ପଛପଟୁ ଜାବୁଡ଼ି ଧରି ଡ୍ରେସ ଖୋଲି ତଳେ ଶୋଇବାକୁ କହିଥିଲେ । ଛାତ୍ରୀ ଜଣକ ଭୟଭୀତ ହୋଇ ନାକ ବ୍ୟଥା ହେଉଛି କହି ସେଠାରୁ କୌଣସି ପ୍ରକାରେ ଖସି ଘରକୁ ଚାଲିଯାଇଥିଲେ । ଏହାପରେ ସମସ୍ତ ଘଟଣା ସଂପର୍କରେ ପରିବାର ଲୋକଙ୍କୁ କହିଥିଲେ । ଏହାପରେ ଛାତ୍ରୀର ମା ରାଗିଯାଇ ସ୍କୁଲରେ ପହଞ୍ଚି ସଂପୃକ୍ତ ଶିକ୍ଷକଙ୍କୁ ମାଡ଼ ମାରିବା ପରେ ଥାନାରେ ଯାଇ ଅଭିଯୋଗ କରିଥିଲେ । ଏହାପରେ ପୁଲିସ ରାୟଗଡା ସହରର ପୁରୁଣା ଗେଟ୍ ନିକଟସ୍ଥ ଚା ଦୋକାନରୁ ଅଭିଯୁକ୍ତ ଶିକ୍ଷକ ପଞ୍ଚାନନ ପାଲକାଙ୍କୁ ଗିରଫ କରିଥିବା ଜଣାପଡିଛି ।

# ମଶାଣିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

## ପୀଡ଼ିତା ସଙ୍କଟାପନ୍ନ, ଡାକ୍ତରଖାନାରେ ଭର୍ତ୍ତି



କାଳିମେଳା/ମାଲକାନଗିରି,୧୯/୩(ଇ.ମି.ସ.): ନୂଆଦିଲ୍ଲୀ ଗଣଦୁଷ୍କର୍ମ ଘଟଣା ପରେ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ ମାମଲା ପଦାକୁ ଆସୁଥିବା ବେଳେ ସଂପ୍ରତି ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅଂଚଳରେ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ କରାଯିବା ଘଟଣା ସଂପୃକ୍ତ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୀଡିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ଆଜି ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତ ଦୁଇ ତାରିଖ ଦିନ ଏହି ଘଟଣା ହୋଇଥିବା ବେଳେ ଏହା ଲୋକଲୋଚନକୁ ଆସିନଥିଲା। ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗ ହେବା ପରେ ତାଙ୍କୁ କାଳିମେଳା ଡାକ୍ତରଖାନାକୁ ଅଣାଯାଇଥିଲା । ପୀଡିତା ଜଣକ ବାରମ୍ବାର ସଂଜ୍ଞାହୀନ ହୋଇପଡୁଥିବା ଯୋଗୁଁ ପ୍ରକୃତ ଘଟଣାଟି ଜଣାପଡୁନାହିଁ। ପୀଡିତାଙ୍କ ମା' ଏ ସଂପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିବା ପରେ ଏହା ଲୋକଲୋଚନକୁ ଆସିଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ କାଳିମେଳା ଥାନା ଭେଙ୍କେଟପଲମ୍ ଗ୍ରାମ ପଂଚାୟତ ଅନ୍ତର୍ଗତ ଏମ୍‌ପିଭି-୨୯ ଗ୍ରାମର ନାବାଳିକା କୁନି (ଛଦ୍ମନାମ) ନିକଟସ୍ଥ ମାଂଗିପାଲ୍ଲୀ ୟୁଜି ଏମ୍‌ଇ ସ୍କୁଲରେ ୭ମ ଶ୍ରେଣୀ ପାଠ ପଢ଼ନ୍ତି। ନାବାଳିକା ଜଣକ ଗତ ଦୁଇ ତାରିଖ ଦିନ ନିକଟସ୍ଥ କୋଇମେଟଲା ଗ୍ରାମ ପଂଚାୟତ ଅନ୍ତର୍ଗତ ଏମ୍‌ପିଭି-୩୩ ଗ୍ରାମରେ ଥିବା ତାଙ୍କ ସାଂଗ ଗ୍ରାମକୁ ଏକ ନାମଯଜ୍ଞ ଦେଖିବାକୁ ଯାଇଥିଲେ। ନାବାଳିକା ଜଣକ ଏକା ଯାଇଥିବା ବେଳେ ଘଟଣା ଦିନ ରାତିରେ ତାଙ୍କ ସାଂଗର ଭାଇ ଗ୍ରାମର ମଶାଣି ନିକଟକୁ ଡାକି ନେଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ଦୁଇ ଜଣ ଅପେକ୍ଷା କରି ରହିଥିଲେ। ରାତି ତମାମ ନାବାଳିକାଙ୍କ ସହ ଦୁଷ୍କର୍ମ କରିବା ପରେ ଘଟଣାସ୍ଥଳରେ → ୭

## ମଶାଣିରେ ଛାତ୍ରୀଙ୍କୁ ...

ସଂଜ୍ଞାହୀନ ଅବସ୍ଥାରେ ଛାଡି ଚାଲିଯାଇଥିଲେ। ସଂଜ୍ଞା ଫେରିବା ପରେ ନାବାଳିକା ଜଣକ ରାସ୍ତାକୁ ଆସି ଏକ ଗାଡିରେ ନିଜ ଗ୍ରାମକୁ ଫେରିଥିଲେ। ନାବାଳିକା ଜଣକ ଅତ୍ୟନ୍ତ ଭୟଭୀତ ହୋଇପଡିଥିବା ସହ ବାରମ୍ବାର ସଂଜ୍ଞାହୀନ ହୋଇପଡୁଥିବା ଯୋଗୁଁ କାହାରିକି କହିପାରିନଥିଲା। ଝିଅର ଏଭଳି ଅବସ୍ଥାକୁ ଦେଖି ତାଙ୍କ ପରିବାରବର୍ଗ ଗୁଣିଗାରେଡି ଡାଂଗି ଝାଡ଼ଫୁଙ୍କା ଆରମ୍ଭ କରିଦେଇଥିଲେ। ଦିନକୁ ଦିନ ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେବା ଫଳରେ ତାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୀଡିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଜି ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସହକାରୀ ଚିକିତ୍ସକ ସଂଗ୍ରାମ ପଣ୍ଡାଙ୍କ ରିପୋର୍ଟକୁ ଭିତ୍ତି କରି କାଳିମେଳା ପୁଲିସ ଏକ ଧର୍ଷଣ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିବା ଏସ୍‌ପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ଏହି ମାମଲାରେ ପୁଲିସ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶଶିଭୂଷଣ ପଣ୍ଡାଙ୍କୁ ଏଥିନେଇ ପଚରାଯିବାରେ ଗଣଦୁଷ୍କର୍ମ ସଂପର୍କରେ ସେଭଳି କୌଣସି ସ୍ପଷ୍ଟ ଚିତ୍ର ମିଳୁନଥିବା ବେଳେ ଏହାର ପରୀକ୍ଷା ପାଇଁ ଆସନ୍ତାକାଲି ପୀଡିତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯିବ ବୋଲି ସୂଚନା ଦେଇଛନ୍ତି। ଏ ସଂପର୍କରେ ସୂଚନା ପାଇବା ପରେ ମାଲକାନଗିରି ଗସ୍ତରେ ଥିବା ନବରଂଗପୁର ସାଂସଦ ପ୍ରଦୀପ ମାଝୀ ଡାକ୍ତରଖାନାକୁ ଯାଇ ପୀଡିତାଙ୍କ ଅବସ୍ଥା ଦେଖିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।

## ପୁଣି ପାଟକୁରା

# ମାନସିକ ଅନଗ୍ରସର ଦଳିତ ନାବାଳିକାଙ୍କୁ ଦୁଷ୍କର୍ମ



କେନ୍ଦ୍ରାପଡ଼ା/ଗରଦପୁର, ୨୨।୩ (ଇମିସ): ଗତ ୧୯ ତାରିଖ ରାତିରେ ପାଟକୁରାର ଘୋଡ଼ାଦଣ୍ଡା ଗାଁରେ ଦଳିତ ମହିଳାଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣାକୁ ନେଇ ସମଗ୍ର ରାଜ୍ୟ ଉଠୁଥିବା ପଡୁଥିବା ବେଳେ ସେଇଦିନ ସଂଧ୍ୟାରେ ପାଟକୁରାର ନୂଆପଡ଼ା ଗାଁରେ ଅନ୍ୟଜଣେ ମାନସିକ ଓ ଶାରୀରିକ ଅନଗ୍ରସର ନାବାଳିକା ସହିତ ଦୁଷ୍କର୍ମ କରାଯାଇଛି। ଗାଁ ଭଦ୍ରଲୋକଙ୍କ ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ ନ ହେବାରୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ତିନିଦିନ ପରେ ପୁଲିସରେ ଏତଲା ଦିଆଯାଇଛି। ଦୁଷ୍କର୍ମର ଦୁଇଜଣଯାକ ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି। ପୁଲିସ ଏହି ଘଟଣାରେ ଜଣେ

➥ ୧

# ମାନସିକ ଅନଗ୍ରସର ...

ଅଭିଯୁକ୍ତର ଭାଇକୁ ଅଟକ ରଖି ପଚରା ଉଚରା କରିବା ସହିତ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇଛି ।

ନୂଆପଡ଼ାର ସୁଦାମ ସାହୁ(ଛଦ୍ମନାମ)ଙ୍କ ମାନସିକ ଓ ଶାରୀରିକ ଅନଗ୍ରସର ନାବାଳିକା ଝିଅ ସୁନିତା(୧୬-ଛଦ୍ମନାମ) ଗତ ୧୯ ତାରିଖ ସଂଧ୍ୟା ପ୍ରାୟ ୭ଟା ବେଳେ ନିଜ ବାଡ଼ିପଟକୁ ଶୌଚ କରିବାକୁ ଯାଇଥିଲେ । ସେଇ ସମୟରେ ତାଙ୍କ ବାଡ଼ିପଟରେ ଅପେକ୍ଷା କରି ରହିଥିବା ପଡ଼ୋଶୀ ଯଶୋବନ୍ତ ବେହେରାଙ୍କ ପୁଅ ନାଲୁ(୧୮) ସୁନିତାଙ୍କୁ ଟାଣି ଟାଣି ନିଜ ବାଡ଼ିପଟକୁ ନେଇ ଯାଇଥିଲା । ସେଠାରେ ସେଇ ଗାଁର ସେକ୍ ବାବୁଲାଙ୍କ ପୁଅ ସେକ୍ ଟେରୁ(୨୨) ଅପେକ୍ଷା କରି ରହିଥିଲା । ବାଡ଼ିରେ ଥିବା ଏକ ପୋଖରୀ ହୁଡ଼ାରେ ନାଲୁ ଓ ଟେରୁ ସୁନିତାଙ୍କ ସହ ଅସଦାଚରଣ କରିଥିଲେ । ଟଣାଓଟରାରେ ସୁନିତାଙ୍କ ପୋଷାକ ଚିରି ଯାଇଥିଲା । ନାଲୁ ଜୋର ଜବରଦସ୍ତ କରି ସୁନିତାଙ୍କୁ ମାଡ଼ି ବସିଥିଲା ଓ ଟେରୁ ତାଙ୍କ ସହିତ ଦୁଷ୍କର୍ମ କରିଥିଲା । କିଛି ସମୟ ପରେ ସୁନିତା ଘରକୁ ଫେରି ଆସି ନିଜ ବଡ଼ଭଉଣୀ କବିତା(ଛଦ୍ମନାମ)ଙ୍କୁ କାନ୍ଦି କାନ୍ଦି ଦୁଷ୍କର୍ମ କଥା କହିଥିଲେ । ଏ ନେଇ କବିତା ଓ ତାଙ୍କ ବାପା ସୁଦାମ ଗ୍ରାମବାସୀଙ୍କ ନିକଟରେ ଅଭିଯୋଗ କରିଥିଲେ । ୨୦ ଓ ୨୧ ତାରିଖ; ଦୁଇଦିନ ଧରି ଗାଁରେ ଏ ନେଇ ଆଲୋଚନା ହୋଇଥିଲେ ବି ସମାଧାନର କୌଣସି ସୂତ୍ର ବାହାରିନଥିଲା । ତିନିଦିନ ପରେ ଆଜି ପୂର୍ବାହ୍ନରେ କବିତା ଏ ନେଇ ପାଟକୁରା ଥାନାରେ ଏତଲା ଦେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି ଓ ପାଟକୁରା ସମେତ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି । ସେପଟେ, ଘୋଡ଼ାଦଣ୍ଡା ଗ୍ରାମର ଗଣଦୁଷ୍କର୍ମ ଘଟଣାକୁ ନେଇ ରାତିଦିନ ଏକ କରିଥିବା ପାଟକୁରା ଓ କେନ୍ଦ୍ରାପଡ଼ା ପୁଲିସ ଦ୍ୱିତୀୟ ଦୁଷ୍କର୍ମକୁ ନେଇ ଚିନ୍ତାରେ ପଡିଯାଇଛି । ତିଳେମାତ୍ର ସମୟ ହାତଛଡ଼ା ନକରି ପୁଲିସ ଉଭୟ ଅଭିଯୁକ୍ତଙ୍କ ଧରିବା ପାଇଁ ସେମାନଙ୍କ ଘର ଉପରେ ଚଢ଼ାଉ କରିଛି । ଅଭିଯୁକ୍ତଦ୍ୱୟ ଫେରାର୍ ହୋଇଯାଇଥିବାରୁ ସେକ୍ ନାଲୁର ଭାଇ ସେକ୍ ମୁନାକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି । କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ନୃସିଂହ ଚରଣ ସ୍ୱାଇଁ ଓ ପାଟକୁରା ଥାନା ଆଇଆଇସି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଜାରି ରଖିଛନ୍ତି ।

# ଛାତ୍ରୀଙ୍କୁ ସ୍କୁଲରେ ତାଲା ପକାଇ ଶିକ୍ଷକ ହଟହଟା

ବଡ଼କେରା,୩୦।୩(ଇମିସ): ପରୀକ୍ଷା ଫଳ ଜାଣିବାକୁ ସ୍କୁଲକୁ ଯାଇଥିବା ବେଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଏକ ଶ୍ରେଣୀ କୋଠରୀରେ ତାଲା ପକାଇ ଦୁଇ ଜଣ ଶିକ୍ଷକ ବେଶ୍ ହଲାପଟା ହୋଇଛନ୍ତି। ଗ୍ରାମବାସୀଙ୍କଠାରୁ ନିସ୍ତୁକ ମାଡ଼ ଖାଇବା ପରେ ଦୁଇ ଶିକ୍ଷକଙ୍କୁ ପୁଲିସ ଜିମା ଦିଆଯାଇଛି। ଏହି ଘଟଣା ଅନୁଗୁଳ ବ୍ଲକ୍ ତଥା ପୁରୁଣାକୋଟ ଥାନା ମାଣିକଯୋଡ଼ି ଗ୍ରାମ ଓ ଆଖପାଖ ଇଲାକାରେ ଆଜି ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମାଣିକଯୋଡ଼ି ଉନ୍ନୀତ ହାଇସ୍କୁଲର ଫଳାଫଳ ଆଜି ଘୋଷଣା ହେବାକୁ ଥିବାରୁ ଛାତ୍ରଛାତ୍ରୀ ସ୍କୁଲ ଆସିଥିଲେ। ଶନିବାର ଥିବାରୁ ମଧ୍ୟାହ୍ନ ଭୋଜନ ପରେ ସମସ୍ତ ଛାତ୍ରଛାତ୍ରୀ ଘରକୁ

## ଗ୍ରାମବାସୀଙ୍କ ନିସ୍ତୁକ ମାଡ଼

ଫେରିଥିଲେ ମଧ୍ୟ ମିନୁ (ଛଦ୍ମନାମ) ନାମ୍ନୀ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କର ପତ୍ତା ନଥିଲା। ତେଣୁ ମିନୁର ପରିବାର ଲୋକ ଖୋଜାଖୋଜି କରିବା ସହ ଏ ସଂପର୍କରେ ଶିକ୍ଷକଙ୍କୁ ପଚାରିବାକୁ ଯାଇଥିଲେ। ପ୍ରଥମେ ମିନୁ ଘରକୁ ଫେରିଯାଇଥିବା ଉପସ୍ଥିତ ଦୁଇ ଶିକ୍ଷକ ସପେଇ ଦେଇଥିଲେ ମଧ୍ୟ ପରେ ସ୍କୁଲ ଘରେ ମିନୁକୁ ତାଲା ପକାଇ ରଖାଯାଇଥିବା ଜଣାପଡ଼ିଥିଲା। ଏହି ଘଟଣା ପ୍ରଚାର ହୋଇଯିବାରୁ ଗାଁ' ଲୋକ ସ୍କୁଲରେ ପହଞ୍ଚି ମିନୁକୁ ତାଲା ପକାଇ ରଖାଯିବାର କାରଣ ସଂପର୍କରେ ଦୁଇ ଶିକ୍ଷକ କାର୍ତ୍ତିକେଶ୍ୱର ଭୋଇ ଓ ବାପୁଜୀ ବେଉରାଙ୍କୁ ପଚରାଉଚୁରା କରିଥିଲେ। ଏହା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ଥିବା ସନ୍ଦେହ କରି ଶିକ୍ଷକ ଶ୍ରୀ ଭୋଇ ଓ ଶ୍ରୀ ବେଉରାଙ୍କୁ ଗ୍ରାମବାସୀ ମାଡ଼ପିଟ୍ କରି ସ୍କୁଲରେ ତାଲା ପକାଇ ଦେଇଥିଲେ। ଖବର ପାଇ ଉପଖଣ୍ଡ ପୁଲିସ ଅଧିକାରୀ ସୁମନ୍ତ ମହାପାତ୍ର, ପୁରୁଣାକୋଟ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଦୁଇ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ନେଇ ଯାଇଥିଲେ। ପୁରୁଣାକୋଟ ପୁଲିସ ଦୁଇ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିବା ଜଣାପଡ଼ିଛି।

# ପୁରୀରେ ଦୁଷ୍କର୍ମ, ନାବାଳିକା ଗୁରୁତର

ପୁରୀ,୨୬/୩(ଇମିସ): ଆଜି ପୂର୍ବାହ୍ନରେ ଜନୈକ ୫ ବର୍ଷିୟା ନାବାଳିକା ସହିତ ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତ ବିହାର ଗୟା ନିବାସୀ ସୁଧୀର ରଜାକକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗଞ୍ଜାମ ଜରଡ଼ା ଗାଁର କବୀନ୍ଦ୍ର ସାହୁ (ଛଦ୍ମନାମ)ପୁରୀ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଦୁଇ ଝିଅ, ଗୋଟିଏ ପୁଅ ଓ ପତ୍ନୀଙ୍କ ସହିତ ଭଡ଼ାରେ ରହି ରାଜମିସ୍ତ୍ରୀ କାମକରନ୍ତି। ଆଜି ପୂର୍ବାହ୍ନରେ ସେ ପାଞ୍ଚ ବର୍ଷିୟା ଝିଅ ଜାନକୀ(ଛଦ୍ମନାମ)କୁ ଘରେ ଛାଡ଼ି ତାଙ୍କ ପତ୍ନୀଙ୍କ ସହିତ ବାହାରକୁ ଯାଇଥିଲେ। ତାଙ୍କ ପଡ଼ିଶା ଘରେ ରହୁଥିବା ସୁଧୀର ରବୀନ୍ଦ୍ରଙ୍କ ଘରେ ପଶି ଜାନକୀଙ୍କ ସମେତ ଅନ୍ୟ ଦୁଇ ଜଣଙ୍କୁ ୧୦ ଟଙ୍କା ଲେଖାଏଁ ଦେଇଥିଲା। କୌଶଳକ୍ରମେ ଜାନକିଙ୍କ ସହିତ ଦୁଷ୍କର୍ମ କରିଥିଲା ବୋଲି ଅଭିଯୋଗ ହୋଇଛି। କିଛି ସମୟ ପରେ ରବୀନ୍ଦ୍ର ଘରକୁ ଆସିବା ପରେ ଜାନକୀଙ୍କ ଗୁପ୍ତାଙ୍ଗରୁ ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସୁଧୀର ତାଙ୍କ ଘରକୁ ଆସି ଏଭଳି ଅନୈତିକ କାର୍ଯ୍ୟ କରିଥିବା ଜାଣିବା ପରେ ଜାନକିକୁ ଚିକିତ୍ସା ଲାଗି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇ ଏ ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତ ସୁଧୀରକୁ ଗିରଫ କରିଥିଲା। ଅନ୍ୟପଟେ ନାବାଳିକା ଜାନକୀର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ରାତି ପ୍ରାୟ ସାଢେ ୧୦ଟା ବେଳେ ଭୁବନେଶ୍ୱରରେ ତାଙ୍କର ଅଲଟ୍ରାସାଉଣ୍ଡ କରାଯାଇଛି। ଏହି ଖବର ପାଇ ପୀଡିତାଙ୍କୁ ଦେଖି ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିବାକୁ କିଛି ମହିଳା ସଂଗଠନ ପହଞ୍ଚିଥିଲେ ମଧ୍ୟ ପୁଲିସ ଓ ଡାକ୍ତର ସେମାନଙ୍କୁ ଏହି ସୁଯୋଗ ଦେଇ ନ ଥିଲେ। ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁଷ୍କର୍ମ ସଂପର୍କରେ ସଦର ଥାନା ଇନ୍‌ସ୍ପେକ୍ଟର ସୁଶୀଲ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଯେ ସୁଧୀର ସମ୍ପୃକ୍ତ ନାବାଳିକା ସହିତ ଅପ୍ରାକୃତିକ ଯୌନକ୍ରିୟା କରିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ପୁଲିସ ନାବାଳିକାର ଏହି ବୟାନକୁ ଆଧାର କରି ଏହା ଜଣାପଡ଼ିଛି। ତେବେ ଅଭିଯୋଗ ଅନୁଯାୟୀ ଆମେ ଏହାକୁ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ଆସନ୍ତାକାଲି ଏହି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ସେ କହିଛନ୍ତି।

## ନାବାଳିକାକୁ ହତ୍ୟା ପରେ ଶବକୁ ଦୁଷ୍କର୍ମ ମାମଲା

# ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ, ୨୨ରେ ଦଣ୍ଡବିଧାନ

ଝାରସୁଗୁଡ଼ା,୧୯।୩(ଇମିସ): ରେଂଗାଲି ଥାନା କଡ଼େଇକେଲା ଗାଁରେ ଚାରି ବର୍ଷ ତଳେ ସଂଘଟିତ ନାବାଳିକା କିଶୋରୀ ବାରିକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଝାରସୁଗୁଡ଼ା ଫାଷ୍ଟ ଟ୍ରାକ୍ କୋର୍ଟ ଆଗତ ମାମଲାର ବିଚାର କରି ଅଭିଯୁକ୍ତ ମୀନକେତନ ସେଠକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସନ୍ତା ୨୨ତାରିଖରେ ଅଦାଲତ ଅଭିଯୁକ୍ତର ଦଣ୍ଡବିଧାନ କରିବେ ବୋଲି ଘୋଷଣା କରାଯାଇଛି। ପ୍ରକାଶଯୋଗ୍ୟ ଯେ ଅଭିଯୁକ୍ତ ମୀନକେତନ ନାବାଳିକାକୁ ହତ୍ୟା କରିବା ପରେ ତାର ଶବ ସହ ଦୁଷ୍କର୍ମ କରିବା ଭଳି ଅଭାବନୀୟ ଘଟଣା ସେତେବେଳେ ଜିଲ୍ଲା ତଥା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ବିବରଣୀରୁ ପ୍ରକାଶ, ୨୦୦୯ ଅକ୍ଟୋବର ୯ତାରିଖ ସକାଳେ କଡ଼େଇକେଲା ଗାଁର ଜଣେ ୧୪ବର୍ଷର ନାବାଳିକା କିଶୋରୀ ବାରିକ ବାପାଙ୍କ ପାଇଁ ଖାଦ୍ୟ ନେଇ ବିଲକୁ ଯାଉଥିଲା। ସେହି ଗାଁର ମୀନକେତନ ତାକୁ ଉପଭୋଗ କରିବା ଲାଗି ପୂର୍ବରୁ ଗଛ ଆଢୁଆଳରେ ଛକି ରହିଥିଲା। କିଶୋରୀ ସେଠାରେ ପହଂଚିବା ମାତ୍ରେ ତାକୁ ଟାଣି ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ନାବାଳିକା କିଶୋରୀ ସାହସର ସହ ତାର ମୁକାବିଲା କରିଥିଲା। ଉଭୟଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଭିଡ଼ାଓଟରା ଚାଲିଥିଲା। ମୀନକେତନ ଉତ୍କ୍ଷିପ୍ତ ହୋଇ ଶେଷରେ ତାକୁ ତଣ୍ଟି ଚିପି ନିର୍ମମ ହତ୍ୟା କରିଥିଲା। ଏହାସତ୍ତ୍ୱେ ତାର କାମନାବାସନା କମି ନଥିଲା। କିଶୋରୀର ମୃତଦେହ ସହ ଅତି ଅମାନୁଷିକଭାବେ ଦୁଷ୍କର୍ମ କରିଥିଲା। ଏହି ଜଘନ୍ୟ ଅପରାଧ ସମଗ୍ର ରାଜ୍ୟରେ ସେତେବେଳେ ଚହଳ ସୃଷ୍ଟି କରିଥିଲା। ରେଙ୍ଗାଲି ପୁଲିସ ମୀନକେତନକୁ ଗିରଫ କରି ବିଚାର ଲାଗି କୋର୍ଟ ଚାଲାଣ କରିଥିଲା। ଝାରସୁଗୁଡ଼ା ଫାଷ୍ଟଟ୍ରାକ କୋର୍ଟର ବିଚାରପତି ଶ୍ୟାମସୁନ୍ଦର ମିଶ୍ର ୨୩ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ ଆଜି ଅଭିଯୁକ୍ତ ମୀନକେତନକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରୀ ଓକିଲ ପର୍ଶୁରାମ ମହାପାତ୍ର କେସ୍ ପରିଚାଳନା କରୁଥିଲେ। ଆସନ୍ତା ୨୨ତାରିଖରେ ମୀନକେତନକୁ କ'ଣ ଦଣ୍ଡ ବିଧାନ କରାଯିବ ତାକୁ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି।

# ପୁଣି ୯ ନାବାଳିକା ନିଖୋଜ

ରାଇକିଆ,୩୦।୩(ଇମିସ): କନ୍ଧମାଳର ବିକାଶ ଚାଲିଛି। ଏମ୍‌ନରେଗା, ଗ୍ରାମ୍ୟ ପରିମଳ ଯୋଜନା ଠାରୁ ଆରମ୍ଭ କରି ଆଦିବାସୀ ଗ୍ରାମାଞ୍ଚଳ ଲୋକଙ୍କ ପ୍ରତ୍ୟକ୍ଷ ସଂପୃକ୍ତିରେ ଅନେକ ଯୋଜନାରେ ସରକାରୀ ରେକର୍ଡ଼ରେ ଏ ଜିଲ୍ଲା ଏକ ନମ୍ବର ସ୍ଥାନ ବି ହାସଲ କରିଥିବାର ସୁନେଲି ଚିତ୍ର ଉପସ୍ଥାପନ ହୋଇଛି। ମୁଖ୍ୟମନ୍ତ୍ରୀ ନିଜେ ଏ ଜିଲ୍ଲାକୁ ସ୍ୱତନ୍ତ୍ର ବିଜୁ କନ୍ଧମାଳ ଯୋଜନା ଓ କନ୍ଧମାଳ କେବିକେ ଯୋଜନାରେ ସାମିଲ୍ କରିଥିବା ଷଘାଷଣା କରିଛନ୍ତି। ଗ୍ରାମାଞ୍ଚଳର ବେକାର ଯୁବକ, ଯୁବତୀଙ୍କୁ ନିଯୁକ୍ତି, ଆତ୍ମନିଯୁକ୍ତି ଯୋଜନା, ବାଳିକା ସମୃଦ୍ଧି ଯୋଜନା, କିଶୋରୀ ସବଳା ଯୋଜନାର ସଫଳ ଚିତ୍ର ଦେଖାଉଛନ୍ତି ସରକାର। ହେଲେ ଗ୍ରାମାଞ୍ଚଳ ଆଦିବାସୀ ଅଞ୍ଚଳର ପ୍ରକୃତ ଚିତ୍ର କିନ୍ତୁ ଓଲଟା। ଦରିଦ୍ର୍ୟ, ଗରିବୀ ଅତି ଭୟଙ୍କର ଭାବେ ଗ୍ରାସି ଚାଲିଛି। ତା'ସହିତ ନାବାଳିକା ଚାଲାଣ ରାକେଟ୍ ଖୁଲ୍ଲମ୍‌ଖୁଲା ଚାଲିଛି ଏ ଜିଲ୍ଲାରେ, ଯାହା ସବୁ ମହଲକୁ ବିଦିତ, କିନ୍ତୁ କେହି କିଛି ନଜାଣିଲା ଭଳି ଅଭିନୟ କରୁଛନ୍ତି। କେବଳ ରାଇକିଆ, ସୁଗଡ଼ବାଡ଼ି ଓ ଆଖପାଖ ଅଞ୍ଚଳରୁ ଗଲା କିଛି ମାସ ଭିତରେ ୩୦ରୁ ଊର୍ଦ୍ଧ୍ୱ ନାବାଳିକାଙ୍କୁ କେରଳ, ତାମିଲନାଡୁ ଚାଲାଣ କରାଗଲାଣି। ଏହା ପଛରେ ବିଶାଳ କେରଳ କାରବାର୍ ରାକେଟ୍ କାମ କରୁଛି। ଏହି ରାକେଟ୍‌ର କିଙ୍ଗ୍‌ପିନ୍ କୁହା ଯାଉଥିବା କେନ୍ଦ୍ରାପଡ଼ାର ଜଣେ ଦଲାଲ୍ ନିଜ ଚରିତ୍ର ଲୁଚାଇବାକୁ ଶେଷରେ ସୁଗଡ଼ବାଡ଼ି ଅଞ୍ଚଳରେ ଜଣେ ମହିଳାଙ୍କୁ ବିବାହ ମଧ୍ୟ କରିଛି। ପତି-ପତ୍ନୀ ମିଶି ଏହି ରାକଟେ ଚଳାଇଥିବା ବେଳେ ସେମାନଙ୍କ ସହଯୋଗୀ ଅଛନ୍ତି ନୟାଗଡ଼, ଯାଜପୁର, କଟକ ଅଞ୍ଚଳର କେତେକ ଦଲାଲ୍। ଏହା ମଧ୍ୟରେ କେବଳ ରାଇକିଆ ଥାନା ଇଲାକାରେ ଏହି ରାକେଟ୍ ୩୦ରୁ ଊର୍ଦ୍ଧ୍ୱ ନାବାଳିକାଙ୍କୁ କେରଳ ଚାଲାଣ କରିଥିଲେ ମଧ୍ୟ କୌଣସି ଘଟଣାରେ ପୁଲିସରେ ରିପୋର୍ଟ ହେଉନାହିଁ। ତେବେ ଗତକାଲି କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ସୁଗଡ଼ବାଡ଼ି ପଞ୍ଚାୟତର ଲେଙ୍ଗୁମାହା ଗ୍ରାମରୁ ଏକାବେଳକେ ୯ ଜଣ ନାବାଳିକା ଅନ୍ତର୍ଧାନ ହୋଇ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ନାବାଳିକାଙ୍କ ଘର ଲୋକେ ପୁଲିସରେ ଏତଲା ଦେବା ପରେ ପ୍ରଥମ ଥର ପାଇଁ ଏହି ରାକେଟ୍ ବିଷୟ ଲୋକଲୋଚନକୁ ଆସିଛି। ଏ ଘଟଣାରୁ କନ୍ଧମାଳରେ ଗ୍ରାମାଞ୍ଚଳ ବିକାଶ, କିଶୋରୀ ଓ ବାଳିକାଙ୍କ ଉତ୍‌ଥାନ ଯୋଜନା କେତେ ଆନ୍ତରିକତାର ସହ କାର୍ଯ୍ୟକାରୀ କରାଯାଉଛି ତାହାର ବାସ୍ତବ ଚିତ୍ର ପଦାକୁ ଆସିଛି।

ପୂର୍ବରୁ ଏକାଧିକବାର ଦୁର୍ଗମ ରାଇକିଆ ବ୍ଲକର ଗ୍ରାମାଞ୍ଚଳରୁ ଏଭଳି ନାବାଳିକାଙ୍କୁ ନିଯୁକ୍ତି, ଚାକିରି, ଦରମା ପ୍ରଲୋଭନ ଦେଖାଇ ଏହି ରାକେଟ୍ କେରଳ ଚାଲାଣ କରିଥିବା ଅଭିଯୋଗ ଆସିଛି। ଏ ନେଇ ପ୍ରଶାସନ, ସରକାରୀ ପଦାଧିକାରୀ, ପୁଲିସ ପାଖରେ ମଧ୍ୟ ସ୍ପଷ୍ଟ ଚିତ୍ର ରହିଛି। ହେଲେ ଚାଲାଣ ହୋଇଥିବା ନାବାଳିକାଙ୍କ ପରିବାର ଲୋକେ ଭୟରେ ହେଉ କି ସଚେତନତା ଅଭାବରୁ ହେଉ କିମ୍ବା ଆଇନ ସଚେତନତା ଅଭାବରୁ ହେଉ ଅଥବା ପୁଲିସ ପ୍ରଶାସନ ଉପରେ ଭରସା ଅଭାବରୁ ହେଉ ଏ ନେଇ ପୂର୍ବରୁ ଥାନାରେ ଲିଖିତ ଏତଲା ଦେଇ ନଥିବା ସୂଚନା ମିଳିଛି। ତେବେ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରାଶାସନିକ ଅଧିକାରୀମାନଙ୍କ ପାଖରେ ମୌଖିକ ଅଭିଯୋଗ ପୂର୍ବରୁ ପହଞ୍ଚିଛି। ଅଥଚ ଏହାକୁ ରୋକିବା ଏବଂ ଏହି ରାକେଟ୍‌ର ପର୍ଦାଫାସ୍ କରିବା ଦିଗରେ କୌଣସି ସ୍ତରରେ ଉଦ୍ୟମ ହୋଇ ନାହିଁ। ଏଥର ୯ ଜଣ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍‌ର ସୁଗଡ଼ବାଡ଼ି ପଞ୍ଚାୟତ ଲେଙ୍ଗୁମାହା ଗ୍ରାମର ୪ଜଣ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ରାଇକିଆ ଥାନାରେ ଏତଲା ଦାୟର କରାଯାଇଛି। ଅଭିଯୋଗ ଅନୁଯାୟୀ ଲେଙ୍ଗୁମାହା ଗ୍ରାମର ଏହି ୯ ଜଣ ନାବାଳିକା ଗତକାଲି ସକାଳ ସାଢେ ୧୦ଟାରେ ଗାଧୋଇବାକୁ ନିକଟସ୍ଥ ଚୁଆଁକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେମାନେ ଘରକୁ ଫେରି ନଥିଲେ। ଏ ନେଇ ଏହି ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କ ପରିବାର ଲୋକଙ୍କ ପକ୍ଷରୁ ରାଇକିଆ ଥାନାରେ ଲିଖିତ ଏତଲା ଦିଆ ଯାଇଥିଲା।

# କମିସନରଙ୍କ ଘର ବୋଲି...

## ୧୭ ବର୍ଷର ଗ୍ୟାରେଜକୁ ଅଧରାତିରେ ଉଠାଇଲା ପୁଲିସ

ଭୁବନେଶ୍ୱର, ୧୬।୩(ଇମିସ): ରାତି ପ୍ରାୟ ସାଢ଼େ ୧ଟା। କ୍ୟାପିଟାଲ୍ ହସ୍ପିଟାଲ୍ ଛକ ପୂର୍ବ ଗ୍ୟାରେଜ୍ ସମ୍ମୁଖରେ ଲାଗିଲା ଦୁଇ ପୁଲିସ ଗାଡି। ଗୋଟିଏ ପିସିଆର ଭ୍ୟାନ୍, ଅନ୍ୟଟି ଥାନା ଜିପ୍। ଦୁର୍‌ଦାର୍ ହୋଇ ଓହ୍ଲାଇଲେ ପୁଲିସ୍। ଝପଟି ଗଲେ ଗ୍ୟାରେଜ୍ ଭିତରକୁ। ଅଶ୍ରାବ୍ୟ ଭାଷାରେ ଗାଲିଗୁଲଜ କରି ଗ୍ୟାରେଜ୍ ମାଲିକଙ୍କୁ ଭିଡ଼ି ଆଣିଲେ ପଦାକୁ। ତା'ପରେ ଆରମ୍ଭ କଲେ ତାଣ୍ଡବ। ଗ୍ୟାରେଜ୍ ସମ୍ମୁଖରେ ଥୁଆ ହୋଇଥିବା ଗୋଟିଏ ବାଇକ୍‌କୁ ସଂପୂର୍ଣ ଭାଙ୍ଗି ଦେଲେ, ୨ଟି ସ୍କୁଟରକୁ ଚୁରମାର୍ କଲେ। ଦୋକାନ ଭିତରେ ଥିବା ରେଞ୍ଚିପତ୍ର, ପମ୍ପ୍ ମେସିନ୍ ଉଠାଇ ଜିପ୍‌ରେ ଭର୍ତି କଲେ। ଗ୍ୟାରେଜ୍ ମାଲିକଙ୍କୁ ଗାଡିରେ ବସାଇ ଥାନାକୁ ନେଇ ଗଲେ। ରାତି ଭରି ଥାନାରେ ବସାଇବା ପରେ ଦିନ ପ୍ରାୟ ୧୨ଟାବେଳେ ଛାଡିଥିଲେ। ଧମକ ଚମକ ଦେଖାଇ କହିଥିଲେ- ଉପରୁ ନିର୍ଦ୍ଦେଶ ଆସିଛି ତୁ ଏ ଜାଗା ଛାଡି ପଳା। ଆଉ ଯେମିତି ସେଠି ଦୋକାନ ନ ପଡେ। ଅନ୍ୟ ଜାଗାରେ ଦୋକାନ ଖୋଲ୍ ଆମେ ତୋତେ ସହଯୋଗ କରିବୁ।

ଘଟଣା ଏହିଭଳି, ପ୍ରସନ୍ନ କୁମାର ମିଶ୍ର ଏବଂ ପ୍ରଦୀପ କୁମାର ମିଶ୍ର ଦୁଇ ଭାଇ କ୍ୟାପିଟାଲ୍ ହସ୍ପିଟାଲ୍ ଛକ ନିକଟ (ପୁଲିସ କମିସନରଙ୍କ ସରକାରୀ ବାସଭବନ କଡ଼)ରେ ଏକ ଛୋଟିଆ ଗ୍ୟାରେଜ୍ କରି ୧୭ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରୁଥିଲେ। କିନ୍ତୁ ଗତ ୨ ମାସ ହେବ ପୁଲିସ ବିଭିନ୍ନ ସମୟରେ ବିଳମ୍ବ ରାତିରେ ଗ୍ୟାରେଜ୍‌ରେ ପହଞ୍ଚି ସଜଡ଼ା ହେବାକୁ ଥିବା ବାଇକ୍ ଭଙ୍ଗାରୁଜା କରିବା ସହିତ ପ୍ରସନ୍ନଙ୍କୁ ଧମକ ଦେଉଥିଲେ। କିଛି ଦିନ ତଳେ ସମାନ ଢ଼ଙ୍ଗରେ ପୁଲିସ ବାଇକ୍ ସିଟ୍ ଆଦିକୁ ବ୍ଲେଡ୍ ମାରି କାଟି ପକାଇବା ସହ କେବିନ୍ ଭଙ୍ଗାରୁଜା କରିଥିଲା।

ସେହିଦିନଠାରୁ ପ୍ରସନ୍ନ ଜରିପାଲ ଟାଣି ସେଠାରେ ଗ୍ୟାରେଜ ଚଳାଉଥିଲେ। ହଠାତ୍ ଗତକାଲି ରାତିରେ ପୁଲିସ ପହଞ୍ଚି ଏଭଳି କାଣ୍ଡ କରିଥିଲା। ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ଉଠା ଦୋକାନମାନ ଅଛି। ଏଭଳି କି କେତେକ ମନ୍ତ୍ରୀ ବିଧାୟକଙ୍କ କ୍ୱାଟରକୁ ଲାଗି ମଧ୍ୟ ଉଠା ଦୋକାନୀ ଦୋକାନ ଖୋଲିଛନ୍ତି। ଏପରି ସ୍ଥଳେ କେବଳ ପ୍ରସନ୍ନଙ୍କ ଗ୍ୟାରେଜକୁ ରାତିଅଧିଆ ଭଙ୍ଗାଯିବା ଘଟଣାକୁ ନେଇ ନାନା ମତ ପ୍ରକାଶ ପାଉଛି। କେତେକ କହୁଛନ୍ତି କମିସନରଙ୍କ ଘର ପାଖରେ ବୋଲି ପୁଲିସ ଏମିତି ଜବରଦସ୍ତି କରିଛି।

ପୁଲିସର ଏଭଳି ଜବରାଦସ୍ତିଆ କାର୍ଯ୍ୟରେ ଭାଙ୍ଗି ପଡିଛନ୍ତି ପ୍ରସନ୍ନ। ୧୭ ବର୍ଷ ତଳେ ଗାଁରେ ଜାଗାବାଡି ବିକ୍ରି କରି ଦୁଇ ଭାଇ ରାଜଧାନୀ ଚାଲି ଆସି ବଡ଼ଗଡ଼ ଥାନା ଅଧୀନ ବ୍ରହ୍ମେଶ୍ୱରପାଟଣା ଅଞ୍ଚଳରେ ଭଡ଼ାରେ ରହୁଛନ୍ତି। ଗ୍ୟାରେଜ୍‌ରୁ ଯାହା କିଛି ରୋଜାଗାର ହୁଏ ସେତିକିରେ ପରିବାର ଚଳେ। ଆଜିଠାରୁ ଦୁଇ ଭାଇ ଶିଶୁଭବନ ଛକରେ ଏକ ନୂଆ ଗ୍ୟାରେଜ୍ ଖୋଲିଛନ୍ତି। ନୂଆ ଦୋକାନ ହୋଇଥିବାରୁ ଆଜି ଟଙ୍କାଟିଏ ମଧ୍ୟ ବେପାର ହୋଇନାହିଁ। ସଂଧ୍ୟାରେ ଦୁଇ ଭାଇ ଖାଲି ହାତରେ ଘରକୁ ଫେରିଛନ୍ତି। ଏପଟେ ଗତ ରାତିରେ ପ୍ରସନ୍ନଙ୍କୁ ନେଇ ଯାଇଥିବା ପୁଲିସ ଦିନ ବେଳା ଛାଡି ଦେଇଥିଲେ ମଧ୍ୟ ତାଙ୍କ ଯନ୍ତ୍ରପାତି ଫେରାଇ ନାହିଁ। ନୂଆ ଦୋକାନ ସିନା ଖୋଲିଛନ୍ତି ଯନ୍ତ୍ରପାତି ନ ଥିବାରୁ କାମ କରି ପାରୁନାହାନ୍ତି।

### ଜଗତସିଂହପୁର ଏନ୍‌କାଉଣ୍ଟର୍‌କୁ ନେଇ ଲୋକପାଳଙ୍କ କୋର୍ଟରେ ମାମଲା

# ପୁଲିସ୍‌ର ଯୋଜନାବଦ୍ଧ ହତ୍ୟା!

ଭୁବନେଶ୍ୱର,୧୭।୩(ଇମିସ): 'ଏନ୍‌କାଉଣ୍ଟର୍ ସଂପୂର୍ଣ୍ଣ ଜାଲ୍। ପୁଲିସ୍ ଯୋଜନାବଦ୍ଧ ଭାବେ ଏହି ବୀଭତ୍ସ ହତ୍ୟାକାଣ୍ଡ ଭିଆଇଛି। ଦୁଇ ଜଣ ନିରୀହ ଯୁବକଙ୍କୁ ନିଦରୁ ଉଠାଇ ଗୁଳି କରି ମାରି, ଏନ୍‌କାଉଣ୍ଟର୍‌ରେ ଅପରାଧୀଙ୍କୁ ମରାଯାଇଥିବା କଥା ପ୍ରଚାର କରିଛି। ସାରା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁ ସତ ବାହାରିବ। ଏଣୁ ନିରପେକ୍ଷ ତଦନ୍ତ କରାଯାଉ। ସିବିଆଇକୁ ଯାଞ୍ଚ୍ ଦାୟିତ୍ୱ ଦେଇ ଦିଆଯାଉ। ହତ୍ୟାକାରୀ ପୁଲିସ୍ କାଳେ ପ୍ରତିଶୋଧ ପରାୟଣ ହୋଇଉଠିବ, ସେଥିପାଇଁ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କ ପରିବାରକୁ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଉ..।' - ଜଗତସିଂହପୁର ଜିଲ୍ଲା ଚାନ୍ଦଗଡ଼ର ଏକ କୁକୁଡ଼ା ଫାର୍ମରେ ଗଲା ଫେବୃଆରି ୨୪ ତାରିଖ ରାତିରେ ଘଟିଥିବା ପୁଲିସ୍ ଏନ୍‌କାଉଣ୍ଟର୍‌କୁ ନେଇ ଲୋକପାଳଙ୍କ କୋର୍ଟରେ ଏହି ମର୍ମରେ ଏକ ପିଟିସନ୍ ରୁଜୁ ହୋଇଛି। ଯେଉଁଥିରେ ଏନ୍‌କାଉଣ୍ଟର୍‌କୁ ମିଛ ଦର୍ଶାଯିବା ସହ ନ୍ୟାୟ ପ୍ରାର୍ଥନା କରାଯାଇଛି।

ସେଦିନର ପୁଲିସ୍ ଏନ୍‌କାଉଣ୍ଟର୍‌ର ଶିକାର ହୋଇଥିଲେ ଦୁଇ ଜଣ ଯୁବକ। ଜଗତସିଂହପୁରର ଅଳା ବିଶିପିତଳ ଗାଁର ପ୍ରତାପ ସ୍ୱାଇଁ ଓରଫ୍ ଧୁନାଙ୍କର ସେହି ରାତିରେ ହିଁ ମୃତ୍ୟୁ ହୋଇଥିଲା। ଚାନ୍ଦଗଡ଼ ଗାଁର ଶ୍ରବଣ ଦାସ ଓରଫ ମୁନା ପାଞ୍ଚ ଦିନ କାଳ କଟକରେ ଚିକିତ୍ସିତ ହେବା ପରେ ଗତ ୧ ତାରିଖରେ ମୃତ୍ୟୁବରଣ କରିଥିଲେ। ଉଭୟ ନିଜ ନିଜ ମୃତ୍ୟୁ ପୂର୍ବରୁ ସଂପର୍କୀୟଙ୍କ ନିକଟରେ ସ୍ପଷ୍ଟ କରିଦେଇଥିଲେ କି ପୁଲିସ୍ ସେମାନଙ୍କୁ ଶୋଇଥିବାବେଳେ ଉଠାଇ ଗୁଳି କରି ମାରିଛି। ଦୁହିଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀର ଅନେକ ସାକ୍ଷୀ ଅଛନ୍ତି। ସାକ୍ଷୀମାନଙ୍କ ବୟାନ ତଥା ପାରିପାର୍ଶ୍ୱିକ ପ୍ରମାଣକୁ ଆଧାର କରି ଏନ୍‌କାଉଣ୍ଟର୍ କରିଥିବା ଦୁଇ ପୁଲିସ୍ ଅଧିକାରୀ ସଂଜୀବ କୁମାର ମହାନ୍ତି ଓ ରବିନ୍ଦ୍ରନାଥ ସେନାପତିଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ଧୁନାଙ୍କ ଭାଇ ଅଜୟ କୁମାର ସ୍ୱାଇଁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଆବେଦନ କରିଥିଲେ। ଏନ୍‌କାଉଣ୍ଟର୍ କରିଥିବା ପୁଲିସ୍ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାବି ଜଣାଇଥିଲେ। ତେବେ କିଛି ସୁଫଳ ନ ପାଇବାରୁ ଆବେଦନକାରୀ ଶ୍ରୀ ସ୍ୱାଇଁ ରାଜ୍ୟର ଲୋକପାଳ ତଥା ପୁଲିସ୍ କଂପ୍ଲେନ୍ ଅଥରିଟିର ଅଧ୍ୟକ୍ଷଙ୍କ କୋର୍ଟରେ ଏହି ମାମଲା ରୁଜୁ କରିଛନ୍ତି।

ପିଟିସନ୍‌ରେ ଶ୍ରୀ ସ୍ୱାଇଁ ଦର୍ଶାଇଛନ୍ତି କି' ମୁନାଙ୍କ ନାଁରେ ଗୋଟିଏ ହେଲେ ପୁଲିସ୍ କେସ୍ ନ ଥିବାବେଳେ, ଧୁନାଙ୍କ ନାଁରେ କେସ୍ ଥିଲେ ବି ସେ କେବେ କୌଣସି କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଏନ୍‌କାଉଣ୍ଟର୍ କରାଯିବା ଭଳି ଗୁରୁତର ଅପରାଧରେ କେହି ସଂପୃକ୍ତ ନୁହଁନ୍ତି। ତା'ଛଡ଼ା ପୁଲିସ୍ ଧୁନାଙ୍କୁ ଭିନ୍ନ ଭିନ୍ନ ଥାନାରେ ଅନେକ ମିଛ ମାମଲାରେ ଛନ୍ଦିଥିବା, କମିସନରେଟ୍ ପୁଲିସ୍‌ର ଜଣେ ଅଧିକାରୀ ଥରେ ତାଙ୍କୁ ଏନ୍‌କାଉଣ୍ଟର୍ କରି ମାରି ଦେବାକୁ ଧମକ ଦେଇଥିବା କଥା ସ୍ୱୟଂ ଧୁନା ରାଜ୍ୟ ମାନବାଧିକାର କମିସନରେ ଗତ ନଭେମ୍ବର ମାସରେ ଅଭିଯୋଗ କରିଥିଲେ। କମିସନ୍ ସେ ଅଭିଯୋଗପତ୍ରକୁ ଡିଜିପିଙ୍କୁ ପଠାଇଦେଇ ଧୁନାଙ୍କୁ ଶୁଣାଣିର ଏକ ମୌକା ଦେବାକୁ ଏବଂ ତାଙ୍କ ଅଭିଯୋଗ ଉପରେ ଯଥାଯଥ କାର୍ଯ୍ୟାନୁଷ୍ଠାନ କରିବାକୁ କହିଥିଲେ। କମିସନ୍‌ଙ୍କ ଜାନୁଆରି ମାସର ଉକ୍ତ ଆଦେଶନାମା ଧୁନାଙ୍କ ପରିବାରକୁ ଡାକରେ ମିଳିବା ବେଳକୁ ଏନ୍‌କାଉଣ୍ଟରରେ ତାଙ୍କର ମୃତ୍ୟୁ ଘଟିସାରିଛି। ଏଣୁ ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ, ଅଭିଯୋଗ ବାବଦରେ ଡିଜିପିଙ୍କଠାରୁ ରିପୋର୍ଟ ତଲବ କରାଯିବାକୁ ପିଟିସନ୍‌ରେ ପ୍ରାର୍ଥନା କରାଯାଇଛି ବୋଲି ଶ୍ରୀ ସ୍ୱାଇଁଙ୍କ ପକ୍ଷରୁ ମାମଲା ଦାଏର୍ କରିଥିବା ଆଇନଜୀବୀ ଦେବସ୍ନାନ ଦାସ ସୂଚନା ଦେଇଛନ୍ତି। ଆବେଦନକାରୀ ଓ ସାକ୍ଷୀମାନଙ୍କ ପରିବାର ସଦସ୍ୟଙ୍କୁ ଜଗତସିଂହପୁର ଏସ୍‌ପି ସୁରକ୍ଷା ଯୋଗାଇ ଦେବା ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ କଥିତ ଏନ୍‌କାଉଣ୍ଟର୍‌କୁ ନେଇ ଆଗରୁ ସାଧାରଣରେ ସଂଦେହ ପ୍ରକାଶ ପାଉଥିବାବେଳେ, ପୁଲିସ୍ ବିରୋଧରେ ମାମଲା ରୁଜୁ ହେବା ପରେ ଘଟଣାର ଗୁରୁତ୍ୱ ବଢ଼ିଯାଇଛି।

# ଦୁଇ ଯୁବକଙ୍କୁ ନିଶାସକ୍ତ ଫରେଷ୍ଟ ଗାର୍ଡଙ୍କ ନିସ୍ତୁକ ମାଡ଼

ନୂଆପଡ଼ା,୧୭।୩(ଇମିସ): ରବିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଜଣେ ଫରେଷ୍ଟ ଗାର୍ଡ ନିଶାସକ୍ତ ଅବସ୍ଥାରେ ଦୁଇଜଣ ଯୁବକଙ୍କୁ ରେଞ୍ଜ ଅଫିସ୍ ସମ୍ମୁଖରେ ନିସ୍ତୁକ ମାଡ଼ ମାରିଛନ୍ତି। ଏହାଦେଖି କିଛି ଲୋକେ ମନା କରିବାରୁ ସେମାନଙ୍କୁ ଉକ୍ତ ଗାର୍ଡ ଜଣକ ଅଶ୍ଳୀଳ ଭାଷାରେ ଗାଲିଗୁଲଜ କରିଥିଲା। ପରେ ଶହଶହ ଲୋକ ସେଠାରେ ଜମା ହୋଇ ପଡିବା ସହ ଯୁବକକୁ କାବୁ କରି ଥାନାକୁ ଆଣିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।
ଘଟନାରୁ ପ୍ରକାଶ ଯେ ଫରେଷ୍ଟ ଗାର୍ଡ ମେଘନାଥ ମାଝି ଝିଲମିଲ୍ ଗାଁକୁ ନିଜ କର୍ମଚାରୀଙ୍କୁ ନେଇ ଯାଇଥିଲେ। ସେଠାରେ ଶାନ୍ତନୁ ଶବର ଓ ଶୁକରାମ ଶବର ଏକ ଶୁଖା ଶାଗୁଆନ କାଠକୁ ବାହା ଘର ପାଇଁ ଚିରୁଥିଲେ। ଫରେଷ୍ଟ ଗାର୍ଡ ଶ୍ରୀ ମାଝି ଉଭୟଙ୍କୁ ନୂଆପଡ଼ା ରେଞ୍ଜ ଅଫିସ୍‌କୁ ଆଣି ନିସ୍ତୁକ ପିଟିଥିଲେ। ସେମାନଙ୍କ ଚିତ୍କାର ଶୁଣି କିଛି ଲୋକେ ସେଠାରେ ଜମା ହୋଇ ପଡିଥିଲେ। ଏ ଦୁଇଜଣଙ୍କୁ କାହିଁକି ମାରୁଛ ବୋଲି ଲୋକେ ପଚାରିବାରୁ ସେମାନଙ୍କ ଉପରେ ମଧ୍ୟ ଗାଳି ବର୍ଷଣ ହୋଇଥିଲା। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ପୁଲିସ୍‌କୁ ଖବର ଦିଆଯାଇଥିଲା। ନୂଆପଡ଼ା ଥାନା ଏସ୍ଆଇ ସୁଶାନ୍ତ ସାହୁ ଦଳବଳ ସେଠାରେ ପହଞ୍ଚି ଗାର୍ଡଙ୍କୁ କାବୁ କରି ଥାନାକୁ ଆଣିଥିଲେ। ସେ ନିଶାସକ୍ତ ଥିବାରୁ ପରୀକ୍ଷା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିବା ପୁଲିସ୍ ପ୍ରକାଶ କରିଛି।

### ପୁନିଆଙ୍କ ଗସ୍ତ ପୂର୍ବରୁ ଲାଠୋର କ୍ୟାମ୍ପ୍‌ରେ ଉତ୍ତେଜନା

# ଦଳିତଙ୍କୁ ପୁଲିସର ମାଡ଼

ବଲାଙ୍ଗୀର,୩୦/୩(ଇମିସ): ଗତ ୨୦୧୨ ଜାନୁଆରି ୨୨ ତାରିଖ ଅପରାହ୍‌ଣରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଲାଠୋରଠାରେ ଜଣେ ଦଳିତ ଯୁବକ ଡ୍ରେସ୍ କିଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଦଳିତ ଓ ସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ବିବାଦ ଆରମ୍ଭ ହେବା ପରେ ସବର୍ଣ୍ଣ ଗୋଷ୍ଠୀ ଲାଠୋରର ଦଳିତ ବସ୍ତିରରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟନା ସେହି ସମୟରେ ଜାତୀୟ ସ୍ତରରେ ବିତର୍କ ସୃଷ୍ଟି କରିଥିଲା। ସେହିଦିନଠାରୁ ଘର ହରାଇ ଦଳିତ ବସ୍ତିର ଲୋକେ ସ୍ଥାନୀୟ ଦୁର୍ଗେଶ୍ୱରୀ ହାଇସ୍କୁଲରେ ରହି ଆସୁଛନ୍ତି। ଏବେ ଘର ହରାଇଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ଆବାସ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଆସନ୍ତାକାଲି ୩୧ ତାରିଖରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷ ପି.ଏଲ୍.ପୁନିଆ ଏହି ଗୃହ ଉଦ୍‌ଘାଟନ କରିବା ସହ ଦଳିତମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ କିଛି ଦଳିତ ଲୋକଙ୍କ ଘର ପୋଡ଼ି ଯାଇଥିଲେ ବି ସେମାନେ ଘର ପାଇ ନାହାନ୍ତି। ତେଣୁ ସେମାନଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା। ଏହି କଥାକୁ ନେଇ ଗତକାଲି ଦୁର୍ଗେଶ୍ୱରୀ ହାଇସ୍କୁଲସ୍ଥିତ ଅସ୍ଥାୟୀ କ୍ୟାମ୍ପରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ଗୋଟିଏ ଗୋଷ୍ଠୀ ଆଜି ସକାଳେ ସ୍ଥାନୀୟ ଲାଠୋର ଫାଣ୍ଡିରେ ବିପକ୍ଷ ଗୋଷ୍ଠୀ ବିରୋଧରେ ଏତଲା ଦେଇ ଯାଇଥିଲେ। ଅନ୍ୟ ଗୋଷ୍ଠୀ ଅପରାହ୍‌ଣରେ ଫାଣ୍ଡିକୁ ଆସି ପୁଲିସକୁ ଘଟନା ସଂପର୍କରେ ଜଣାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଓ ଏହି ଦଳିତ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ଲୋକଙ୍କ ଅଭିଯୋଗ ଅନୁସାରେ, ଫାଣ୍ଡି ପରିସରରେ ଉପସ୍ଥିତ ମହିଳା ଓ ପୁରୁଷ ସଦସ୍ୟଙ୍କୁ ପୁଲିସ ମାଡ଼ ମାରିଥିଲା। ଏଥିରେ ବହୁ ସଂଖ୍ୟକ ଦଳିତ ମହିଳାଙ୍କ ସମେତ ପ୍ରାୟ ୨୦ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି।

ସେହିପରି ମହିଳା ଓ ପୁରୁଷ ସଦସ୍ୟମାନେ ଆଇନକୁ ହାତକୁ ନେଉଥିବାରୁ ସେମାନଙ୍କୁ ବିରତ କରିବାକୁ ପୁଲିସ ପକ୍ଷରୁ ସାମାନ୍ୟ ବଳପ୍ରୟୋଗ କରାଯାଇଥିବା କୁହାଯାଉଛି।

ଏହି ଘଟନା ଗୁରୁତର ରୂପ ନେଉଥିବା ବେଳେ ବଲାଙ୍ଗୀର ଏସ୍‌ପି ଆର୍.ପ୍ରକାଶ ସେଠାକୁ ଯାଇ ଲୋକଙ୍କୁ ଗଣ୍ଡଗୋଳରୁ ବିରତ ରହିବାକୁ ବୁଝାଶୁଝା କରିଥିଲେ। ଏହାପରେ ମାମଲା ଶାନ୍ତ ପଡ଼ିଛି। ତେବେ ଅସ୍ଥାୟୀ କ୍ୟାମ୍ପରେ ଉତ୍ତେଜନା ଲାଗି ରହିଥିବା କୁହାଯାଉଛି।

# ମଂଜୁରୀ ନଥାଇ ପ୍ରକଳ୍ପ ନିର୍ମାଣ

ରାୟଗଡ଼ା, ୧୮/୩(ଇମିସ): ନିର୍ମାଣ ପାଇଁ ମୂଳରୁ ଅନୁମୋଦନ ମିଳିନି । ହେଲେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ସାରିଲାଣି । ସରକାରୀ ନୀତି ନିୟମକୁ ଜଳାଞ୍ଜଳି ଦେଇ ରାୟଗଡା ଜିଲ୍ଲାର ସରକାରୀ ବାବୁମାନେ କିଭଳି ଚଞ୍ଚଳତା କରୁଛନ୍ତି ତାହାର ନଗ୍ନ ଦୃଷ୍ଟାନ୍ତ ବିଜୁ କେବିକେ ଯୋଜନାରେ ଦେଖିବାକୁ ମିଳିଛି । ବିନା ଅନୁମୋଦନରେ କାମ ହୋଇଥିବା ସାଢ଼େ ୩ କୋଟି ଟଙ୍କାର ୧୭ଟି ପ୍ରକଳ୍ପକୁ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗ ନାମଞ୍ଜୁର କରିବା ଫଳରେ ପ୍ରଶାସନିକ ବାବୁମାନଙ୍କର ତଣ୍ଟିରେ ଏବେ କଣ୍ଟା ଅଟକିଯାଇଛି ।

ଉଲ୍ଲେଖ ଯୋଗ୍ୟ ଯେ, ସରକାରୀ ନିୟମ ମୁତାବକ କୌଣସି ପ୍ରକଳ୍ପ କାମ ପାଇଁ ପ୍ରଥମେ ପ୍ରସ୍ତାବ ଗୁଡିକ ବ୍ଲକ ଏନଏସି  କିମ୍ବା ଜିଲ୍ଲା ପରିଷଦ ଆଦି ସ୍ତରରୁ ପାରିତ୍ କରାଯାଇ ସେ ଗୁଡିକର ଅନୁମୋଦନ ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । କିନ୍ତୁ ଏଠାରେ ସାଢ଼େ ୩ କୋଟି ଟଙ୍କା ମୂଲ୍ୟର ୧୭ଟି ପ୍ରକଳ୍ପରେ ରାଜ୍ୟ କର୍ତ୍ତୃପକ୍ଷଙ୍କ ଅନୁମୋଦନକୁ ଅପେକ୍ଷା ନକରି  ବିନା ଟେଣ୍ଡରରେ କାମ କରାଯାଇଥିବା ଭଳି ସଂଗୀନ ମାମଲା ଏବେ ଲୋକ ଲୋଚନକୁ ଆସିଛି । ବିଜୁ କେବିକେ ଯୋଜନାରେ ତରବାରିଆ ଭାବେ ରାୟଗଡ଼ା ଓ ଗୁଣପୁର ଏନଏସିରେ କେତେକ ପ୍ରକଳ୍ପ ଶେଷ କରି  ଅନୁଦାନ ଟଙ୍କା ହଡ଼ପ କରାଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି ।  ବିଜୁ କେବିକେ ଯୋଜନାର

## ବାଟରେ ବିଜୁ କେବିକେ

ଗାଇଡ୍ ଲାଇନ ଅନୁଯାୟୀ ଯେଉଁ ପ୍ରକଳ୍ପର ଖର୍ଚ୍ଚ ଅଟକଳ ୫ ଲକ୍ଷ ଟଙ୍କାରୁ ଅଧିକ ସେ ଗୁଡ଼ିକର ନିର୍ମାଣ ପାଇଁ ଖବର କାଗଜ ବିଜ୍ଞାପନ ଜରିଆରେ  ଟେଣ୍ଡର ଆହ୍ୱାନ କରିବା କଥା । କିନ୍ତୁ ରାୟଗଡା ଜିଲ୍ଲାର ଅଧିକାରୀମାନେ ସମସ୍ତ ଗାଇଡ଼ ଲାଇନକୁ ଉଲ୍ଲଂଘନ କରି କୋଟି କୋଟି ଟଙ୍କାର କାମ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ସଂପୃକ୍ତ ପଦାଧିକାରୀଙ୍କ ସାଧୁତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମିଳିଥିବା ତଥ୍ୟ ଅନୁସାରେ ଗତ ୨୦୧୨-୧୩ ଆର୍ଥିକ ବର୍ଷରେ ବିଜୁ କେବିକେ ଯୋଜନାରେ ୪୯ଟି ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା । ସେଥି ମଧ୍ୟରୁ ୩କୋଟି ୪୫ଲକ୍ଷ ୪୮ ହଜାର ଟଙ୍କାର ୧୭ଟି ପ୍ରକଳ୍ପର ଗାଇଡ଼ ଲାଇନ ପ୍ରକାରେ ହୋଇନଥିବାରୁ ଅନୁମୋଦନ  କରାଯାଇପାରିବ ନାହିଁ ଏବଂ ଏହାର ବଦଳରେ ଅନ୍ୟ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ତଥା ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗର ନିର୍ଦ୍ଦେଶକ ଏ.କେ ମିଶ୍ର ତାଙ୍କ ପତ୍ର ନଂ୧୨୭୭୪, ଡିସେମ୍ବର ୨୮ ତାରିଖରେ ଜିଲ୍ଲା ଯୋଜନା କାର୍ଯ୍ୟାଳୟକୁ  ଜଣାଇଛନ୍ତି । ବିଜୁ କେବିକେ ଯୋଜନାର ନିୟମାବଳୀ ପରିସରରେ ଏହି ଯୋଜନା ଗୁଡିକ ଆସୁନଥିବାରୁ ଅନୁମୋଦନ କରାଯାଇନଥିବା ନିର୍ଦ୍ଦେଶକ ଉଲ୍ଲେଖ କରିଛନ୍ତି । ଗତ ଆର୍ଥିକ ବର୍ଷରେ ଜିଲ୍ଲାରୁ ୫୫୦ଲକ୍ଷ ଟଙ୍କାର ୧୬୭ଟି ଜିଲ୍ଲାସ୍ତରୀୟ ପ୍ରକଳ୍ପ ଓ ପରବର୍ତ୍ତୀ ପର୍ଯ୍ୟାୟରେ ୪୯ଟି ରାଜ୍ୟସ୍ତରୀୟ ପ୍ରକଳ୍ପର ଅନୁମୋଦନ ପାଇଁ ପଠାଯାଇଥିଲା । ସେଥିରୁ ୧୭ଟି ପ୍ରକଳ୍ପର ଅନୁମୋଦନ କରାଯାଇନଥିଲା । ଯୋଜନା ନିର୍ଦ୍ଦେଶକଙ୍କ ଠାରୁ ଏପରି ଚିଠି ପାଇବା ପରେ ଜିଲ୍ଲା ପ୍ରଶାସନ ଅଡୁଆରେ ପଡିଯାଇଛନ୍ତି । ଉକ୍ତ ପ୍ରକଳ୍ପ ଗୁଡିକର ନିର୍ମାଣ ଶେଷ ହୋଇଥିବା ବେଳେ ଏବେ କଣ କରାଯିବ ସେନେଇ ବିଭାଗୀୟ ବାବୁମାନଙ୍କ ଆଖିରୁ ନିଦ ହଜାଇ ଦେଇଛି ।

# ସୁନ୍ଦରଗଡ଼ରେ ଚାଷୀ ଆତ୍ମହତ୍ୟା

**ଋଣବୋଝ ସହି ନପାରି କୀଟନାଶକ ପିଇଲେ**

ବଡଗାଁ, ୧୭/୩(ଇମିସ): ଗୋଟିଏ ପଟେ ଦାରିଦ୍ର୍ୟ ଓ ଅନ୍ୟପଟେ ଫସଲହାନି ଏବଂ ଋଣ ବୋଝର ସଙ୍କଟରେ ପେଷି ହୋଇ ସୁନ୍ଦରଗଡ଼ ଜିଲ୍ଲାର ଜଣେ ଚାଷୀ କୀଟନାଷକ ପିଇ ଆତ୍ମହତ୍ୟା କରିଛନ୍ତି । ମୃତ ଚାଷୀ ହେଉଛନ୍ତି ବଡଗାଁ ବ୍ଲକର କୁସୁନା(ବାଗବୁଡ) ଗ୍ରାମର ପରମେଶ୍ୱର ବାଗ(୪୫)। ଘରେ ତାଙ୍କର ବାପା-ମାଆ, ପତ୍ନୀ ଏବଂ ଗୋଟିଏ ବୋଲି ପୁଅ। ପରିବାର ବୋଝ ଏବଂ ପୁଅର ପଢ଼ା ଖର୍ଚ୍ଚ ତୁଲାଇବାକୁ ତାଙ୍କୁ ପ୍ରତିଦିନ ସଂଘର୍ଷ କରିବାକୁ ପଡୁଥିଲା। ଚାଷରେ ଅଧିକ ଆୟ ଆଶାରେ ବ୍ୟାଙ୍କରୁ ଋଣ ଆଣି ଜଳସେଚନ ପାଇଁ ଏକ ମୋଟର ପମ୍ପ କିଣି ଲଙ୍କା ଚାଷ କରିଥିଲେ। ମାତ୍ର ଦୀର୍ଘ ଦିନ ହେବ ଏହି ଋଣକୁ ସୁଝି ନ ପାରିନଥିଲେ।

ଗତ ରାତିରେ ସେ ଲଙ୍କା ଚାଷରେ ଦିଆଯାଉଥିବା କୀଟନାଶକ ପିଇ ଦେଇଥିଲେ । ତାଙ୍କୁ ଘର ଲୋକେ ଲଙ୍କା ବାଡିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ସେଠାରେ ସେ କୀଟନାଶକ ପିଇଥିବା କଥା ଘର ଲୋକଙ୍କୁ କହିଥିଲେ। ଦୁଇ ଦୁଇ ଥର ହାତୀ ତାଙ୍କ ଘର ଭାଙ୍ଗି ଦେଲା ଏବଂ ପୁଅର ପଢ଼ା ଖର୍ଚ୍ଚରେ ଅସୁବିଧା ହେଉଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ଏପରି କଲେ ବୋଲି କହିଥିଲେ। ରାତି ପ୍ରାୟ ୧୨ ଟା ସମୟରେ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା ଓ ତାଙ୍କ ମୃତ୍ୟୁ ଘଟିଥିଲା।

ଏହି ଘଟଣାର ତଦନ୍ତ କରୁଥିବା ଅଧିକାରୀ ଋଣ ସୁଝି ନ ପାରି ପରମେଶ୍ୱର ଆତ୍ମହତ୍ୟା କରିଛନ୍ତି ଏବଂ ସେ ଜରଙ୍ଗଲୋଇ ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୩୦ ହଜାର ଟଙ୍କା ଋଣ ନେଇଥିଲେ ବୋଲି ପ୍ରକାଶ କରିଛନ୍ତି। ପରମେଶ୍ୱରଙ୍କ ପରିବାରକୁ ତତ୍କାଳ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***